Bhubaneswar, Thursday, September 24, 2026
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୪, ୨୦୨୬
Vol-01, Issue-139
ବର୍ଷ-୦୧, ସଂଖ୍ୟା -୧୩୯

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

## ଗଭୀର ଅବପାତ ଜନିତ ବର୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା




ଭୁବନେଶ୍ୱର, ୨୩/୯ :ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ବର୍ଷା ଓ ଏହାର ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଅବପାତ, ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ସମସ୍ତ ପ୍ରାକୃତିକ ବିପର୍ଯ୍ୟାୟରେ ଆମର ଏକମାତ୍ର ନୀତି ହେଉଛି- 'ଜିରୋ କାଜୁଆଲିଟି'। ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଏହି ପରିସ୍ଥିତିର ମୁକାବିଲା କରିବା ଆବଶ୍ୟକ। ଲୋକଙ୍କ ଧନଜୀବନ ସୁରକ୍ଷା ଉପରେ ସେ ସର୍ବାଧିକ ଗୁରୁତ୍ୱ ଆରୋପ ଆରୋପ କରିଥିଲେ ଜଳବନ୍ଦୀ କ୍ଷେତ୍ରରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ସେମାନଙ୍କୁ ଉପଯୁକ୍ତ ରିଲିଫ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯଦିଓ ବାତ୍ୟାର ସମ୍ଭାବନା ନାହିଁ, ତଥାପି ସମସ୍ତ ପ୍ରକାର ସତର୍କତାମୂଳକ ବ୍ୟବସ୍ଥା ସହ ସର୍ବୋଚ୍ଚ ସ୍ତରର ପ୍ରସ୍ତୁତି ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରୁ ଜଣାଯାଇଛି ଯେ, ଏହି ଅବପାତ ଯୋଗୁ ଆଜି ଏବଂ ଆସନ୍ତା କାଲି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ଓ ୨୫ ତାରିଖ ପରେ ପରିସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଏହି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମରେ ୬, ଗଜପତିରେ ୩, କୋରାପୁଟରେ ୬, ମାଲକାନଗିରିରେ ୩, ରାୟଗଡାରେ ୩, କଳାହାଣ୍ଡିରେ ୨ ଏବଂ ବଲାଙ୍ଗିରରେ ୧ଟି ଟିମ୍ ମୁତୟନ ହୋଇଛି। ଏହା ବ୍ୟତୀତ ଗଞ୍ଜାମର ଛତ୍ରପୁରସ୍ଥିତ ଓଡ୍ରାଫ ୟୁନିଟର ୯ଟି ଟିମ୍ ରିଜର୍ଭ ରଖାଯାଇଛି। ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ସମସ୍ତ ବନ୍ଦରରେ ସ୍ଥାନୀୟ ସତର୍କ ସଂଖ୍ୟା -୩ ଉତୋଳନ କରାଯାଇଛି ଏବଂ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ ନିଷେଧ ଜାରି ରହିଛି। ଏହାର ଶତ ପ୍ରତିଶତ ଅନୁପାଳନ ନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ପ୍ରଭାବିତ ହେବାକୁ ଥିବା ଅଂଚଳ ଗୁଡିକ ଯଥା - ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବା ବେଳେ ନୂଆପଡା, ବଲାଙ୍ଗିର, କନ୍ଧମାଳ ଓ ନୟାଗଡରେ ଜିଲ୍ଲା ପ୍ରଶାସନ ତଥା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ଓ ବ୍ଲକ୍ ଆପାତକାଳୀନ କାର୍ଯ୍ୟ କେନ୍ଦ୍ରଗୁଡିକୁ ୨୪x୭ କାର୍ଯ୍ୟରତ ରଖିବା, ସମ୍ବେଦନଶୀଳ ବସତି ଚିହ୍ନଟ କରିବା, ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା ଏବଂ ଶୁଖିଲା ଖାଦ୍ୟ, ଶିଶୁ ଖାଦ୍ୟ, ପାନୀୟ ଜଳ ଓ ପରିଷ୍କାରତା ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ୍ରାଫ୍, ଏନଡିଆରଏଫ୍ ଓ ଅଗ୍ନିଶମ ସେବା ଦଳକୁ ପୂର୍ବରୁ ମୁତୟନ ଓ ସଜ୍ଜ ରଖାଯାଇଥିବା ବେଳେ ଉଦ୍ଧାର ନୌକା, ଲାଇଫ୍ ଜାକେଟ୍ ଓ ପାୱାର ବୋଟ୍ ମଧ ପସ୍ତୁତ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ଓ ଜଳାଶୟର ଜଳସ୍ତର ନିରନ୍ତର ନିରୀକ୍ଷଣ, ସମ୍ବେଦନଶୀଳ ବନ୍ଧ ସ୍ଥାନଗୁଡିକର ପରୀକ୍ଷା ଏବଂ ଆବଶ୍ୟକତା ସ୍ଥଳେ ନିୟନ୍ତ୍ରିତ ଜଳମୁକ୍ତି ପାଇଁ ସମନ୍ୱୟ କରାଯାଉଛି। ସହରାଚଂଳରେ ଡ୍ରେନେଜ୍ ବ୍ୟବସ୍ଥା ନିରୀକ୍ଷଣ, ନିମ୍ନାଚଂଳ ଅଣ୍ଡରପାସରେ ଡି-ୱାଟରିଂ ପମ୍ପ ମୁତୟନ ଏବଂ ଆବଶ୍ୟକସ୍ଥଳେ ଟ୍ରାଫିକ୍ ଡାଇଭର୍ସନ୍ ପାଇଁ ମଧ ପ୍ରସ୍ତୁତି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଂଚାୟତିରାଜ ଓ ପାନୀୟ ଜଳ, ଶକ୍ତି, ବାଣିଜ୍ୟ ଓ ପରିବହନ, ନିର୍ମାଣ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗକୁ ମଧ ଆବଶ୍ୟକ ପ୍ରସ୍ତୁତି ସହ ସଜାଗ ରହିବାକୁ କୁହାଯାଇଛି। ରାଜ୍ୟ ଓ ଜିଲ୍ଲା ସ୍ତରରେ ସ୍ଥିତିର ରିଅଲ-ଟାଇମ୍ ନିରୀକ୍ଷଣ କରାଯାଉଥିବା ବେଳେ ଭାରି ବର୍ଷା, ଜଳବନ୍ଦୀ, ଆଶ୍ରୟସ୍ଥଳ, ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଉଦ୍ଧାରକାକରୀ ଦଳର ମୁତୟନ ଏବଂ ଜଳାଶୟର ସଂରକ୍ଷଣ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ସୂଚନାଯୋଗ୍ୟ ଯେ, ପଶ୍ଚିମ -କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଗତ ୬ଘଂଟା ମଧ୍ୟରେ ଘଂଟାପ୍ରତି ୧୨ କିଲୋମିଟର ବେଗରେ ପଶ୍ଚିମ ଦିଗକୁ ଗତି କରିଛି। ଆଜି ସକାଳ ୫.୩୦ ଘଂଟା ସୁଦ୍ଧା ଏହା ଗୋପାଳପୁରଠାରୁ ୧୫୦ କିଲୋମିଟର ଦକ୍ଷିଣ ଦିଗରେ ରହିଛି। ଏହି ଗଭୀର ଅବପାତ ପଶ୍ଚିମ-ଉତରପଶ୍ଚିମ ଦିଗକୁ ଗତି କରି ଆଜି ରାତି ସୁଦ୍ଧା ବିଶାଖାପାଟଣା ଓ ଗୋପାଳପୁର ମଧ୍ୟରେ, କଳିଙ୍ଗପାଟ୍ଟଣମ ନିକଟରେ ଉତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏଥିପାଇଁ ରାୟଗଡା, କୋରାପୁଟ, ଗଜପତି ଓ ଗଞ୍ଜାମ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଂଟା ପ୍ରତି ୫୦-୬୦ କିମ ବେଗରେ ପବନ ଏବଂ ଝଟକା ପବନ ଘଂଟା ପ୍ରତି ୭୦ କିମି ପର୍ଯ୍ୟନ୍ତ ହୋଇପାରେ ସେହିପରି, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ପୁରୀ, ଖୋର୍ଦ୍ଧା ଓ ନୟାଗଡ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସବୁର୍ଣ୍ଣପୁର ଓ ବୌଦ୍ଧ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

## ଏମଏମ୍‌ଡିଆର ଆଇନ ବିରୋଧରେ ଗୃହ ପୁଣି ଅଚଳ

ଭୁବନେଶ୍ୱର, ୨୩/୯ :ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ବୁଧବାର ମଧ ବିରୋଧୀ ଦଳର ବିଧାୟକମାନଙ୍କ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ଗୃହର ପ୍ରଥମାର୍ଦ୍ଧର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରି ନାହିଁ। ଓଡ଼ିଶାର ସ୍ୱାର୍ଥ ବିରୋଧୀ ଦର୍ଶାଇ ଏମଏମ୍‌ଡିଆର ଆଇନ ପ୍ରତ୍ୟାହାର ଦାବିରେ ବିରୋଧୀ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ହଟ୍ଟଗୋଳ ଯୋଗୁଁ ପ୍ରଶ୍ନକାଳ, ଶୂନ୍ୟକାଳ ସମେତ ଗୃହର ନିର୍ଦ୍ଧାରିତ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଗୃହରେ ଅଚଳାବସ୍ଥା ଜାରି ରହିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧୦.୩୫ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୁଧବାର ସକାଳ ୧୦ଟା ୩୦ ମିନିଟରେ ବିଧାନସଭାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଶ୍ନକାଳ ଆରମ୍ଭ କରିବାକୁ ଯାଇଥିବା ବେଳେ ବିରୋଧୀ ବିଧାୟକମାନେ ଏମଏମ୍‌ଡିଆର ଆଇନକୁ ନେଇ ନାରାବାଜି ଆରମ୍ଭ କରିଥିଲେ। କିଛି ସମୟ ମଧ୍ୟରେ ବିରୋଧୀ ସଦସ୍ୟମାନେ ନିଜ ନିଜ ଆସନ ଛାଡ଼ି ଗୃହର ମଧ୍ୟଭାଗକୁ ଆସି ଜୋରଦାର ନାରାବାଜି କରିଥିଲେ। ସେମାନଙ୍କ ହାତରେ ବିଭିନ୍ନ ଦାବି ଓ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ ରହିଥିଲା।

ହଟ୍ଟଗୋଳ ମଧ୍ୟରେ ଉପବାଚସ୍ପତି ବାଲେଶ୍ୱର ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଡାକିଥିଲେ । ଗୃହରେ ଜୋରଦାର ନାରାବାଜି ଜାରି ରହିଥିଲେ ମଧ ମନ୍ତ୍ରୀ ପାତ୍ର ତାଙ୍କ ଉତ୍ତର ଜାରି ରଖିଥିଲେ। ଏହାପରେ ବିଧାୟକ ମାନସ ଦତ୍ତ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ତେବେ ଗୃହରେ ଲାଗି ରହିଥିବା ପ୍ରବଳ ହଟ୍ଟଗୋଳ ଯୋଗୁଁ ତାଙ୍କ ସ୍ୱର ମିଡିଆ ଗ୍ୟାଲେରୀ ପର୍ଯ୍ୟନ୍ତ ମଧ ସ୍ପଷ୍ଟ ଭାବେ ଶୁଣାଯାଇପାରି ନଥିଲା।ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ହଟ୍ଟଗୋଳ କରୁଥିବା ବିରୋଧୀ ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଫେରିଯାଇ ଗୃହର କାର୍ଯ୍ୟ ସୁଚାରୁ ରୂପେ ଚଳାଇବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନେ ନାରାବାଜି ଜାରି ରଖିଥିଲେ ।

ଏହାପରେ ଉପବାଚସ୍ପତି ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓଙ୍କୁ ଏକ ପ୍ରଶ୍ନର ଉତ୍ତର ଦେବାକୁ ଆହ୍ୱାନ କରିଥିଲେ। ସିଂହଦେଓ ହଟ୍ଟଗୋଳ ମଧ୍ୟରେ ପ୍ରଶ୍ନର ଉତ୍ତର ଦେବା ଆରମ୍ଭ କରିଥିଲେ। ତେବେ ବିରୋଧୀ ବିଧାୟକମାନଙ୍କ ପ୍ରତିବାଦ ଓ ନାରାବାଜି ଥମି ନଥିଲା। ପରିସ୍ଥିତି ସ୍ୱାଭାବିକ ନହେବାରୁ ଉପବାଚସ୍ପତି ଗୃହର କାର୍ଯ୍ୟକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାର ଆରମ୍ଭ ହୋଇଥିଲା। ପ୍ରଥମ ଦିନ ମଧ ଏମଏମ୍‌ଡିଆର ଆଇନ ପ୍ରତ୍ୟାହାର ଏବଂ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିରୋଧୀ ବିଧାୟକମାନେ ହଟ୍ଟଗୋଳ କରିଥିଲେ। ଦିବଙ୍ଗତ ବିଧାୟକମାନଙ୍କ ପାଇଁ ଶୋକ ପ୍ରସ୍ତାବ ଏବଂ ନେପାଳରେ ହୋଇଥିବା ବନ୍ୟାକୁ ନେଇ ଶୋକ ପ୍ରକାଶ ପରେ ବିରୋଧୀ ସଦସ୍ୟମାନେ ପ୍ରତିବାଦ ଆରମ୍ଭ କରିଥିଲେ। ହଟ୍ଟଗୋଳ ଯୋଗୁଁ ଅଧିବେଶନର ପ୍ରଥମ ଦିନ ମଧ ଗୃହର ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

## ମାଦକମୁକ୍ତ ଭାରତ ପାଇଁ ନିର୍ଣ୍ଣାୟକ ଲଢେଇ : ଅମିତ୍ ଶାହା

ନୂଆଦିଲ୍ଲୀ, ୨୩/୯ (ପିଆଇବି): କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀଠାରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମାଦକଦ୍ରବ୍ୟ ବିରୋଧୀ ଟାସ୍କ ଫୋର୍ସ ମୁଖ୍ୟମାନଙ୍କ ତୃତୀୟ ଜାତୀୟ ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମାଦକଦ୍ରବ୍ୟ ବିରୋଧରେ ସଚେତନତା ସୃଷ୍ଟି ପାଇଁ ଟେଲିଭିଜନ ବିଜ୍ଞାପନ ଅଭିଯାନର ଶୁଭାରମ୍ଭ କରାଯାଇଥିବା ବେଳେ ଲକ୍ଷ୍ନୌ ଓ ଦେହରାଦୁନଠାରେ ମାଦକଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ପରିସର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଉତ୍ତମ ପ୍ରଦର୍ଶନ କରିଥିବା ମାଦକଦ୍ରବ୍ୟ ବିରୋଧୀ ଟାସ୍କ ଫୋର୍ସଗୁଡ଼ିକୁ ମଧ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏହାସହିତ ମାଦକଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ନୂତନ ରୂପରେ ପ୍ରସ୍ତୁତ ୱେବସାଇଟ୍‌ର ମଧ ଶୁଭାରମ୍ଭ କରାଯାଇଛି। ମାଦକଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ପକ୍ଷରୁ ଆୟୋଜିତ ଦୁଇଦିନିଆ ସମ୍ମିଳନୀରେ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମାଦକଦ୍ରବ୍ୟ ବିରୋଧୀ ଟାସ୍କ ଫୋର୍ସ ମୁଖ୍ୟଙ୍କ ସହ ସମ୍ପୃକ୍ତ ସରକାରୀ ବିଭାଗ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରୁଛନ୍ତି। ନିଜ ଅଭିଭାଷଣରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ପାଞ୍ଚ ବର୍ଷ ଧରି ମାଦକମୁକ୍ତ ଭାରତର କଠିନ ଲକ୍ଷ୍ୟ ହାସଲ ପାଇଁ ଲଗାତାର ପଦକ୍ଷେପ ନିଆଯାଉଛି। ସେ କହିଛନ୍ତି ଯେ ଦେଶ ଓ ବିଶ୍ୱ ପାଇଁ ଗୁରୁତର ବିପଦରେ ପରିଣତ ହୋଇଥିବା ମାଦକଦ୍ରବ୍ୟ ବିରୋଧରେ ଏବେ ନିର୍ଣ୍ଣାୟକ ଆଘାତ କରିବାର ସମୟ ଆସିଛି ଏବଂ ସାମୂହିକ ପ୍ରୟାସ ମାଧ୍ୟମରେ ବିଜୟ ହାସଲ କରିବାକୁ ହେବ। ଶ୍ରୀ ଶାହ କହିଛନ୍ତି ଯେ ୨୦୨୯ ଡିସେମ୍ବର ୩୧ ସୁଦ୍ଧା ଭାରତରୁ ମାଦକଦ୍ରବ୍ୟ ବ୍ୟବସାୟକୁ ମୂଳପୋଛ କରିବାରେ ଆମେ ସାମୂହିକ ଭାବେ ସଫଳ ହେବୁ। ସେ କହିଛନ୍ତି ଯେ ଗତ ପାଞ୍ଚ ବର୍ଷରେ କାଶ୍ମୀରର ଆତଙ୍କବାଦ, ଉତ୍ତର-ପୂର୍ବାଞ୍ଚଳର ବିଦ୍ରୋହ ଏବଂ ନକ୍ସଲବାଦ ଭଳି ଅନେକ ଆହ୍ୱାନର ମୁକାବିଲାରେ ସଫଳତା ମିଳିଛି। ସମସ୍ତ ରାଜ୍ୟର ସହଯୋଗରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦଶନ୍ଧି ଧରି ଦେଶକୁ ଆହ୍ୱାନ କରୁଥିବା ଏହି ପ୍ରମୁଖ ସମସ୍ୟାଗୁଡ଼ିକର ଅନ୍ତ କରିଛି ବୋଲି ସେ କହିଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ମାଦକଦ୍ରବ୍ୟ ବିରୋଧରେ ଲଢେଇ ସବୁଠାରୁ କଠିନ ଲଢେଇ ହୋଇଥିଲେ ମଧ ଏହାକୁ ଛାଡ଼ିଦେଇ ହେବ ନାହିଁ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ, ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ଏବଂ ଯୁବପିଢ଼ିକୁ ଭାରତର ବିକାଶ ସହ ଯୋଡ଼ିବା ପାଇଁ ଭାରତକୁ ମାଦକମୁକ୍ତ କରିବା ହିଁ ଆମ ସମ୍ମୁଖରେ ଏକମାତ୍ର ବିକଳ୍ପ ବୋଲି ସେ କହିଛନ୍ତି। ଆମେ ଏହି ସମସ୍ୟାର ମୁକାବିଲା ଏକତା, ଉତ୍ସାହ ଓ ସମର୍ପଣର ସହିତ କରିବା ସହ ବିଜୟ ହାସଲ କରିବାକୁ ହେବ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତର ଦୃଷ୍ଟିପତ୍ର ଏହି ଲଢେଇରେ ସାମିଲ ସମସ୍ତଙ୍କ ପାଇଁ ଗୀତା ସଦୃଶ। ୩୫ରୁ ଅଧିକ ବିଭାଗ ସହ ଆଲୋଚନା ପରେ ଅତ୍ୟନ୍ତ ପରିଶ୍ରମରେ ଏହି ଦୃଷ୍ଟିପତ୍ର ପ୍ରସ୍ତୁତ କରାଯାଇଛି। ସମସ୍ତ ଅଂଶୀଦାରଙ୍କଠାରୁ ପରାମର୍ଶ ଗ୍ରହଣ କରି ସମ୍ପୂର୍ଣ୍ଣ କାର୍ଯ୍ୟପଥ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ସ୍ପଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି। ଲକ୍ଷ୍ୟ ସହ ସମୟସୀମା ମଧ ଧାର୍ଯ୍ୟ କରାଯାଇଛି ଏବଂ କିଛି ସମୟ ପରେ ଏହାର ସମୀକ୍ଷା କରାଯିବ। ଶ୍ରୀ ଶାହ କହିଛନ୍ତି ଯେ କେବଳ କେନ୍ଦ୍ର ଗୃହ ମନ୍ତ୍ରଣାଳୟ କିମ୍ବା ମାଦକଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏହି ଲଢେଇକୁ ଏକାକୀ ଲଢ଼ିପାରିବେ ନାହିଁ। ସମସ୍ତଙ୍କୁ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମ୍ପୂର୍ଣ୍ଣ ସମର୍ପଣର ସହିତ ଲଢ଼ିବାକୁ ହେବ ଏବଂ ବିଜୟ ହାସଲ କରିବାକୁ ହେବ। ସେ କହିଛନ୍ତି ଯେ ଭବିଷ୍ୟତ ପିଢ଼ିକୁ ଭିତରୁ ଦୁର୍ବଳ କରୁଥିବା ମାଦକଦ୍ରବ୍ୟର ଅଭିଶାପକୁ ଶେଷ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ଓ ସଙ୍କଳ୍ପ ହେବା ଉଚିତ। ଆମର ସଙ୍କଳ୍ପ ହେବା ଉଚିତ ଯେ ବିଶ୍ୱର କୌଣସି ସ୍ଥାନରୁ ଏକ ଗ୍ରାମ ମାଦକଦ୍ରବ୍ୟ ମଧ ଭାରତକୁ ପ୍ରବେଶ କରିବାକୁ ଦେବୁ ନାହିଁ ଏବଂ ଭାରତରୁ ମଧ ଏକ ଗ୍ରାମ ମାଦକଦ୍ରବ୍ୟ ବିଶ୍ୱର କୌଣସି ଦେଶକୁ ଯିବାକୁ ଦେବୁ ନାହିଁ। ବିଶ୍ୱର ଯୁବପିଢ଼ିର କଲ୍ୟାଣ ପାଇଁ ଏହି କାର୍ଯ୍ୟପଥ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ମାଦକମୁକ୍ତ ଭାରତ ପାଇଁ ସମ୍ବେଦନଶୀଳତା, ଏହାର ଗୁରୁତ୍ୱର ବୁଝାମଣା ଏବଂ ସର୍ବୋଚ୍ଚ ପ୍ରାଥମିକତା ସହ କାର୍ଯ୍ୟ କରିବାକୁ ହେବ। ସେ କହିଛନ୍ତି— ମାଦକଦ୍ରବ୍ୟର ଶିକାର ହୋଇଥିବା ଜଣେ ଯୁବକଙ୍କ ବାପା, ମାଆ ଓ ଭାଇଭଉଣୀଙ୍କୁ ଥରେ ଭେଟନ୍ତୁ। ସେମାନଙ୍କୁ ଭେଟିବା ପର୍ଯ୍ୟନ୍ତ ଏହି ଲଢେଇର ତୀବ୍ରତା ଆମ ଭିତରେ ସୃଷ୍ଟି ହୋଇପାରିବ ନାହିଁ। କାନ୍ଦୁଥିବା ମାଆ, ଅସହାୟ ଭାବେ ଦେଖୁଥିବା ବାପାମାଆ ଏବଂ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ଥିବା ଜଣେ ପ୍ରତିଭାବାନ ପିଲା ଧୀରେଧୀରେ ମୃତ୍ୟୁ ଆଡ଼କୁ ଯାଉଛି। ଏହାଠାରୁ ବଡ଼ ଦୁଃଖ ଆଉ କିଛି ହୋଇପାରେ ନାହିଁ। ଭବିଷ୍ୟତରେ ଭାରତର ବିକାଶରେ ଅବଦାନ ରଖିବାକୁ ଥିବା ଜଣେ ପ୍ରତିଭାବାନ ପିଲାର ଜୀବନ ମଝିରାସ୍ତାରେ ଶେଷ ହୋଇଯାଉଛି। ଏହା ଦେଶ ପାଇଁ ମଧ ଏକ ବିରାଟ କ୍ଷତି ବୋଲି ସେ କହିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ମାଦକଦ୍ରବ୍ୟ ବିରୋଧରେ ଲଢେଇକୁ ସ୍ପଷ୍ଟ ଦିଗରେ ଆଗେଇ ନେବାକୁ ହେବ। ଏହି ଲଢେଇର କେନ୍ଦ୍ରବିନ୍ଦୁଗୁଡ଼ିକ ଚିହ୍ନଟ ହୋଇସାରିଛି ଏବଂ ଗୁଇନ୍ଦା ସୂଚନା, ତଦନ୍ତ, ଆର୍ଥିକ ପଦକ୍ଷେପ ଓ ଅଭିଯୋଗ ପରିଚାଳନାକୁ ଏକ ଦିଗରେ ନେବା ପାଇଁ ରାଜ୍ୟସ୍ତରୀୟ କାର୍ଯ୍ୟପଥ ପ୍ରସ୍ତୁତ କରାଯାଇଛି। ପ୍ରଥମ ମାଦକଦ୍ରବ୍ୟ ବିରୋଧୀ ଟାସ୍କ ଫୋର୍ସ ସମ୍ମିଳନୀରେ ଆମେ ଏକ ପ୍ରତିଷ୍ଠାନଗତ ବ୍ୟବସ୍ଥା ସୃଷ୍ଟି କରି ତାହାକୁ ସୁଦୃଢ଼ କରିଥିଲୁ। ଦ୍ୱିତୀୟ ସମ୍ମିଳନୀରେ ଏହି ବ୍ୟବସ୍ଥାକୁ କାର୍ଯ୍ୟରେ ପରିଣତ କରିବା ପାଇଁ କ୍ଷମତା, କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟସମ୍ପାଦନ ଉପରେ ଆଲୋଚନା ହୋଇଥିଲା। ଆଜିର ତୃତୀୟ ସମ୍ମିଳନୀ ଏହି କାର୍ଯ୍ୟପଥକୁ ଏକ ନିର୍ଣ୍ଣାୟକ ଲଢେଇରେ ପରିଣତ କରିବ। ଶ୍ରୀ ଅମିତ ଶାହ କହିଛନ୍ତି ଯେ ଏପର୍ଯ୍ୟନ୍ତ ଯାହା କରାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ। ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଗାଁର ରାଜସ୍ୱ କର୍ମଚାରୀ, ଥାନାର ଉପନିରୀକ୍ଷକ, ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟ ସଚିବ ଏବଂ ଭାରତ ସରକାରଙ୍କ ଗୃହ ସଚିବ ଗୋଟିଏ ଦିଗରେ କାମ ନକଲେ ସଫଳତା ମିଳିବ ନାହିଁ। ଏହି ସମ୍ମିଳନୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, କାରଣ ଏଥର ଲକ୍ଷ୍ୟ, ସମୟସୀମା ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରି ସମ୍ପୂର୍ଣ୍ଣ ବିଜୟ ଦିଗରେ ଆଗେଇବାକୁ ହେବ। ଏବେ ଆମକୁ ବୈଠକରୁ ଅଭିଯାନକୁ, ରିପୋର୍ଟ ଦେବାରୁ ଫଳାଫଳକୁ, ମାଦକଦ୍ରବ୍ୟ ଜବତରୁ ସମଗ୍ର ନେଟୱାର୍କ ଧ୍ୱଂସକୁ ଏବଂ ମାମଲା ରୁଜୁରୁ ଦୋଷୀ ସାବ୍ୟସ୍ତ କରିବା ପର୍ଯ୍ୟନ୍ତ ଆଗେଇବାକୁ ହେବ। ରାଜ୍ୟ ସରକାର ଓ ଭାରତ ସରକାରଙ୍କ ସମସ୍ତ ବିଭାଗ ଏହି କାର୍ଯ୍ୟରେ ସାମିଲ ନହେଲେ ଆମେ ଆଗକୁ ବଢ଼ିପାରିବୁ ନାହିଁ। ଶ୍ରୀ ଅମିତ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ଅଗଷ୍ଟ ୧୫ ସୁଦ୍ଧା ୧୪୦ କୋଟି ନାଗରିକଙ୍କ ସମ୍ମୁଖରେ ବିକଶିତ ଭାରତ ଗଠନର ଲକ୍ଷ୍ୟ ରଖିଛନ୍ତି, ଯେତେବେଳେ ଭାରତ ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଦେଶ ହେବ। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ନିଶାସକ୍ତିରେ ଭିତରୁ ଦୁର୍ବଳ ହୋଇଯାଇଥିବା ଯୁବଶକ୍ତି ଓ ଭବିଷ୍ୟତ ପିଢ଼ି ସହ ଏହା ସମ୍ଭବ ନୁହେଁ। ଭାରତ ବିଶ୍ୱର ସବୁଠାରୁ ଯୁବ ଦେଶ ହୋଇଥିବାରୁ ବିଶ୍ୱ ପରିପ୍ରେକ୍ଷୀରେ ଏହି ବିପଦ ମଧ ଆମ ପାଇଁ ସବୁଠାରୁ ବଡ଼। ଯୁବପିଢ଼ିର ସ୍ୱାସ୍ଥ୍ୟ, ଦକ୍ଷତା, ଶ୍ରମଶକ୍ତି ଓ ଚିନ୍ତନ କ୍ଷମତା ହିଁ ଦେଶକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇପାରିବ, କିନ୍ତୁ ମାଦକଦ୍ରବ୍ୟ ଏହି ଚାରିଟି କ୍ଷମତାକୁ ନଷ୍ଟ କରିଥାଏ। ଉଦୀୟମାନ ମାଦକଦ୍ରବ୍ୟ, ନିଷିଦ୍ଧ ମାଦକ ରସାୟନ ପ୍ରସ୍ତୁତିରେ ବ୍ୟବହୃତ ମୂଳ ରସାୟନର ଅପବ୍ୟବହାର, ନୂତନ ଯୋଗାଯୋଗ ପ୍ରଯୁକ୍ତି, ଗୁପ୍ତ ଅନଲାଇନ୍ ଜାଲ, ମାଦକଦ୍ରବ୍ୟ ବଜାର, ଗୁପ୍ତ ମୁଦ୍ରା, ଗୁପ୍ତ ସ୍ଥାନରେ ମାଦକଦ୍ରବ୍ୟ ରଖି ଯୋଗାଣ ବ୍ୟବସ୍ଥା ଏବଂ ଅନ୍ତର୍ଜାତୀୟ ମାଦକଦ୍ରବ୍ୟ ନେଟୱାର୍କ ଭଳି ନୂତନ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ପ୍ରତ୍ୟେକ ରାଜ୍ୟରେ ଭିନ୍ନ ଭାବରେ ଚିନ୍ତା କରିପାରୁଥିବା ଅଧିକାରୀମାନଙ୍କର ଏକ ଦଳ ଗଠନ କରାଯିବା ଉଚିତ ଏବଂ ସଫଳତାର ଉପାୟଗୁଡ଼ିକୁ ସମଗ୍ର ଦେଶରେ ବାଣ୍ଟି କାର୍ଯ୍ୟକାରୀ କରାଯିବା ଉଚିତ। ଶ୍ରୀ ଅମିତ ଶାହ କହିଛନ୍ତି ଯେ ୨୦୨୬ରୁ ୨୦୨୯ ପର୍ଯ୍ୟନ୍ତର ଦୃଷ୍ଟିପତ୍ର ଚାରିଟି ସ୍ତମ୍ଭ ଉପରେ ଆଧାରିତ—ଆଇନ ପ୍ରବର୍ତ୍ତନ, ଗୁଇନ୍ଦା ସୂଚନା ଓ କାର୍ଯ୍ୟାନୁଷ୍ଠାନ, ମୂଳ ରସାୟନ ଓ କୃତ୍ରିମ ମାଦକଦ୍ରବ୍ୟର ନିୟନ୍ତ୍ରଣ, ଚାହିଦା ହ୍ରାସ ଓ କ୍ଷତି ହ୍ରାସ, ତଥା କ୍ଷମତା ବୃଦ୍ଧି ଓ ସମନ୍ୱୟ। ଏହି ଚାରିଟି ସ୍ତମ୍ଭ ଅଧୀନରେ ଶହେରୁ ଅଧିକ ଲକ୍ଷ୍ୟକୁ ବର୍ଗୀକୃତ କରାଯାଇଛି। ଦୃଷ୍ଟିପତ୍ରରେ ଏକ ଲକ୍ଷ ନିଶାମୁକ୍ତ ମିତ୍ର ପଞ୍ଜୀକରଣର ଲକ୍ଷ୍ୟ ରଖାଯାଇଥିବା ବେଳେ ବିଭିନ୍ନ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ୪୬,୭୮୦ ଜଣ ନିଶାମୁକ୍ତ ମିତ୍ରଙ୍କୁ ପଞ୍ଜୀକୃତ କରିଛନ୍ତି ଏବଂ ସେମାନେ କାର୍ଯ୍ୟରତ ଅଛନ୍ତି।



ସମ୍ପାଦକୀୟ

# ଫାଷ୍ଟ ଟ୍ରାକ କୋର୍ଟର ମନ୍ଥରଗତି

ବହୁ ଚର୍ଚ୍ଚିତ ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାର ବିଚାର ଫାଷ୍ଟଟ୍ରାକ କୋର୍ଟରେ କରାଯିବା ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ସମ୍ପୂର୍ଣ୍ଣ ନୂଆ ନଥିଲେ ବି ସାମାନ୍ୟ ନୂତନତା ରହିଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଗଲା ୨୫ବର୍ଷ ଧରି ଅର୍ଥାତ ୨୦୦୦ ମସିହାରୁ ସରକାର ଯେତେବେଳେ କୌଣସି ଏକ ଘଟଣାରେ ଜନସାଧାରଣଙ୍କ ଆକ୍ରୋଶର ସମ୍ମୁଖୀନ ହୋଇଥାନ୍ତି, ସେତେବେଳେ ମାମଲାର ତ୍ୱରିତ ଶୁଣାଣୀ ପାଇଁ ଫାଷ୍ଟଟ୍ରାକ କୋର୍ଟର ସାହାରା ନେଇ ଆସୁଛନ୍ତି। ଏହି ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଘୋଷଣାରେ କୌଣସି ନୂତନତା ନାହିଁ। ଫାଷ୍ଟଟ୍ରାକ କୋର୍ଟ (ଏଫଟିସି) ଗୁଡିକର ସ୍ଥାୟିତ୍ୱ ନାହିଁ। ୫ବର୍ଷ ଅନ୍ତରରେ ଅସ୍ଥାୟୀ ଭାବେ କାର୍ଯ୍ୟ କରିଥାନ୍ତି। ୨୦୦୦ ମସିହାରୁ ଫାଷ୍ଟଟ୍ରାକ୍ କୋର୍ଟ ବିଭିନ୍ନ ଘଟଣାରେ ଗଠନ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨କୋଟି ମାମଲା ବକେୟା ପଡିଛି। ୨୦୦୫ ମସିହାରେ ଫାଷ୍ଟଟ୍ରାକ କୋର୍ଟର ଅବଧି ଆଉ ୫ବର୍ଷ ସମ୍ପ୍ରସାରିତ କରାଯାଇଥିଲା। ସେହିପରି ବଳାତ୍କାର ଏବଂ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍ସୋ) ଆଇନ ଅଧିନ୍‌ରେ ଦାୟର ମାମଲା ଗୁଡିକର ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶୁଣାଣୀ ପାଇଁ ୨୦୧୯ ମସିହାରେ ଫାଷ୍ଟଟ୍ରାକ ସ୍ୱତନ୍ତ୍ର କୋର୍ଟମାନ ପ୍ରତିଷ୍ଠା କରାଯାଇଥିଲା। ତେବେ ଏହି ସ୍ୱତନ୍ତ୍ର ଫାଷ୍ଟଟ୍ରାକଗୁଡିକ ଏବେ ଅସ୍ଥାୟୀ ବା ସାମିୟିକରୁ ସ୍ଥାୟିତ୍ୱରେ ପରିଣତ ହୋଇଛି। ଯାହାକି ମୁଖ୍ୟ ନ୍ୟାୟ ପ୍ରଦାନ ବ୍ୟବସ୍ଥା ମଧ୍ୟରେ ଆଉ ଏକ ବ୍ୟବସ୍ଥା ଭାବେ ସମାନ୍ତରାଳ ଭାବେ କାର୍ଯ୍ୟ କରୁଛି। ଉଲ୍ଲେଖଯୋଗ୍ୟ ଯେ, ତ୍ୱରିତ ଉଦ୍ଦେଶ୍ୟ ନେଇ ଫାଷ୍ଟଟ୍ରାକ କୋର୍ଟ ଗଠନ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ସେଗୁଡିକର ଭିତିଭୂମି ଏବଂ କାର୍ଯ୍ୟଧାରା ନେଇ କୌଣସି ବୈଧାନିକ ନିର୍ଦ୍ଦେଶ ବା ଆଇନ ନାହିଁ । ବର୍ତ୍ତମାନ ସୁଦ୍ଧା ଏ ନେଇ ପାର୍ଲିଆମେଂଟରେ କୌଣସି ଆଇନ ପ୍ରଣୟନ ପାହିଁ। ଏଥିଲାଗି ବଜେଟରେ ମଧ୍ୟ କୌଣସି ପାଣ୍ଠି ବ୍ୟବସ୍ଥା ନାହିଁ। ୨୦୧୧ରେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ ପାଣ୍ଠି ପ୍ରଦାନ କରିଥିଲେ ଏବଂ ଏହି କୋର୍ଟଗୁଡିକ ଏବେ ରାଜ୍ୟଗୁଡିକରେ ଆର୍ଥୀକ ସାମର୍ଥ୍ୟ ଅନୁସାରେ କାର୍ଯ୍ୟକରୁଛି। ଏଫସିଟିଗୁଡିକ କେନ୍ଦ୍ର ସରକାର ଆଂଶିକ ଆର୍ଥୀକ ସହାୟତା ଦେଇଥିବାବେଳେ ଏଥିରେ କର୍ମଚାରୀ ନିଯୁକ୍ତି, ଭିତିଭୂମି ନିର୍ମାଣ ଏବଂ ପ୍ରଶାସନିକ କାର୍ଯ୍ୟ ରାଜ୍ୟଗୁଡିକ ଉପରେ ନିର୍ଭରଶୀଳ। କେବଳ ଏତିକି ନୁହେଁ, ଫାଷ୍ଟଟ୍ରାକ କୋର୍ଟଗୁଡିକରେ ବିଚାରପତି, କୋର୍ଟ କକ୍ଷ, କର୍ମଚାରୀ ଓ ଓକିଲଙ୍କ ଅଭାବ ଲାଗି ରହିବା କୁହାଯାଏ। ଅନ୍ୟ କୋର୍ଟର ବିଚାରପତି ମାନେ ଅତିରିକ୍ତ ଦାୟିତ୍ୱରେ ଥିବାବେଳେ ଅଦାଲତ କକ୍ଷ ଏବଂ କର୍ମଚାରୀ ମଧ୍ୟ ସହଭାଗିତାରେ ରହି ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଦେଶରେ ବିଭିନ୍ନ ରାଜ୍ୟରେ ଏବେ ୭୭୯ଟି ଫାଷ୍ଟଟ୍ରାକ କୋର୍ଟ ଥିବାବେଳେ ସେଥିମଧ୍ୟରୁ ୩୯୯ଟି ପୋକ୍ସୋ ଅଦାଲତ। ଯେଉଁଥିରେ କେବଳ ଶିଶୁ ଯୌନ ଅପରାଧ ମାମଲାର ଶୁଣାଣୀ ହୋଇଥାଏ। ଗତ ୨୦୨୩ରୁ ୨୦୨୫ ମଧ୍ୟରେ ଫାଷ୍ଟଟ୍ରାକ କୋର୍ଟଗୁଡିକରେ ୪୦.୨ ଲକ୍ଷ ମାମଲା ଏବଂ ଫାଷ୍ଟଟ୍ରାକ ସ୍ୱତନ୍ତ୍ର କୋର୍ଟ (ଏଫଟିଏସସି) ଗୁଡିକରେ ୨.୩ ଲକ୍ଷ ମାମଲାର ଫଇସଲା ହୋଇଛି। ତେବେ ଏଫଟିସି ଗୁଡିକରେ ବହୁ ମାମଲା ଏକ ଉଚିତ ସମୟସୀମା ମଧ୍ୟରେ ଶୁଣାଣୀ ହୋଇଥିବା କୁହାଯାଏ। ଏହା ସତ୍ୱେ ବକେୟା ମାମଲା ସଂଖ୍ୟା ଫଇସଲା ହୋଇଥିବା ମାମଲା ସଂଖ୍ୟାକୁ ଟପିଯାଇଥିବା ଜଣାଯାଇଛି। ୨୦୨୫ରେ ୧,୪୩,୯୩୬ଟି ମାମଲା ପଂଜୀକୃତ ହୋଇଥିବା ସମୟରେ ୬୬,୫୦୦ ମାମଲାର ଫଇସଲା ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ବକେୟା ମାମଲା ସଂଖ୍ୟା ଟପିଯାଇଥିବା ଜଣାଯାଇଛି। ୨୦୨୫ରେ ୧,୪୩,୯୩୬ଟି ମାମଲା ପଂଜୀକୃତ ହୋଇଥିବା ସମୟରେ ୬୬,୫୦୦ ମାମଲାର ଫଇସଲା ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ବକେୟା ମାମଲା ସଂଖ୍ୟା ୨,୪୫,୫୭୯କୁ ବୃଦ୍ଧି ପାଇଛି। କହିବା ବାହୁଲ୍ୟ ଯେ, ଇତି ମଧ୍ୟରେ ଫାଷ୍ଟଟ୍ରାକ କୋର୍ଟ ପାଇଁ ଆବଶ୍ୟକତା ଅନୁଯାୟୀ ପ୍ରକୋଷ୍ଠ ନିର୍ମାଣ ହୋଇଛି। କିନ୍ତୁ କେବଳ କୋର୍ଟ ରୁମ ଦ୍ୱାରା ମାମଲାଗୁଡିକର ଫଇସଲା ହୋଇପାରବି ନାହିଁ କି ଶୁଣାଣୀକୁ ତ୍ୱରାନ୍ୱିତ କରିପାରିବ ନାହିଁ। ଏଥିଲାଗି ବିଚାରପତି, କର୍ମଚାରୀ, ଆଇନଜୀବୀ, ତଦନ୍ତ ଓ ଫରେନସିକ୍ ତଦନ୍ତ ରିପୋର୍ଟ ଯାହାକି ଭାରତୀୟ ନ୍ୟାୟାଳୟଗୁଡିକ ଦରକାର, ତାହାର ଜରୁରୀ ଆବଶ୍ୟକତା ରହିଛି। ଆ ମଦେଶରେ ବିଚାରପତି ଅଭାବ, ନ୍ୟାୟିକ ପ୍ରକ୍ରୀୟାରେ ମନ୍ଥରତା, କର୍ମଚାରୀ ଅଭାବ, ତଦନ୍ତରେ ଶିଥିଳତା କାହାରିକୁ ଅଛପା ନାହିଁ। ବିଶେଷକରି ବିଚାରପତି ଓ କର୍ମଚାରୀ ଅଭାବ, ତଦନ୍ତରେ ଶିଥିଳତା ଯୋଗୁଁ ବକେୟା ମାମଲା ସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଇବାରେ ଲାଗଛି। କହିବା ବାହୁଲ୍ୟ ଯେ, ନିଟ ପ୍ରଶ୍ନପତ୍ର ପ୍ରଘଟ ମାମଲାର ଶୁଣାଣୀ ପାଇଁ ଗଠିତ ଫାଷ୍ଟଟ୍ରାକ କୋର୍ଟ କୋର୍ଟରୁମ ଅଭାବରୁ ପ୍ରଥମ ଦିନରେ ଶୁଣାଣୀ ସ୍ଥଗିତ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏଫଟିସି ହେଉ ବା ଏଫଟିଏସସି ହେଉ ଆବଶ୍ୟକ କରୁଥିବା ସମସ୍ତ ଉପାଦାନ ପୁରଣ ନହେବା ପର୍ଯ୍ୟନ୍ତ ଏହାର ମୁଖ୍ୟ ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ।

# ରାଷ୍ଟ୍ରପତିଙ୍କ ଦ୍ୱାରା ୭୨ତମ ଜାତୀୟ ଚ଼ଳଚ୍ଚିତ୍ର ପୁରସ୍କାର ପ୍ରଦାନ









ନୂଆଦିଲ୍ଲୀ, ୨୩/୯ (ପିଆଇବି): ଚ଼ଳଚ୍ଚିତ୍ର ଜଗତ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହନ ଦେଉ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁଜରାଟର ଏକତା ନଗରରେ ଆଜି ୭୨ତମ ଜାତୀୟ ଚ଼ଳଚ୍ଚିତ୍ର ପୁରସ୍କାର ପ୍ରଦାନ କରି ସମସ୍ତ ପୁରସ୍କାର ବିଜେତାଙ୍କୁ ସେମାନଙ୍କ ପ୍ରତିଭା, ନିଷ୍ଠା ଓ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଚ଼ଳଚ୍ଚିତ୍ର ନିର୍ମାଣ ଏକ ସାମୂହିକ ପ୍ରୟାସ ବୋଲି ଉଲ୍ଲେଖ କରି ରାଷ୍ଟ୍ରପତି ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କ ଦଳର ପ୍ରତ୍ୟେକ ସଦସ୍ୟଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇବାକୁ କହିଛନ୍ତି। ରାଷ୍ଟ୍ରପତି ଦାଦାସାହେବ ଫାଲକେ ପୁରସ୍କାରପ୍ରାପ୍ତ ଅନନ୍ତ ନାଗଙ୍କୁ ନାଟକ ଓ ଚ଼ଳଚ୍ଚ଼ିତ୍ର କ୍ଷେତ୍ରରେ ତାଙ୍କ ବିଶିଷ୍ଟ ଅବଦାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ଚ଼ଳଚ୍ଚ଼ିତ୍ର ଦେଶର ବିଭିନ୍ନ ଭାଷା, ପରମ୍ପରା, ଆକାଂକ୍ଷା ଓ ସଂଘର୍ଷର ପ୍ରତିଫଳନ ବୋଲି ରାଷ୍ଟ୍ରପତି କହିଛନ୍ତି। ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର ପାଇଁ ଏକତା ନଗରକୁ ସ୍ଥାନ ଭାବେ ଚ଼ୟନ କରାଯାଇଥିବାରୁ ସେ ପ୍ରଶଂସା କରି ଏହା ଭାରତର ସାଂସ୍କୃତିକ ଓ ଜାତୀୟ ଏକତାର ପ୍ରତୀକ ବୋଲି କହିଛନ୍ତି। ସୃଜନଶୀଳ ଅର୍ଥନୀତିରେ ମର୍ଯ୍ୟାଦା ଓ ସାମାଜିକ ସୁରକ୍ଷାର ଆବଶ୍ୟକତା ଉପରେ ଜୋର ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଶ୍ରମିକ, ଛୋଟ କଳାକାର, ସହାୟକ ଓ ସଂଘର୍ଷରତ ସୃଜନଶୀଳ କର୍ମୀମାନେ ସମ୍ମାନ ଓ ସାମାଜିକ ସୁରକ୍ଷା ପାଇବାର ଅଧିକାରୀ। ସମସ୍ତ ବିଚ଼ାରକମଣ୍ଡଳୀରେ ମହିଳାଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି, ଯାହା ଦ୍ୱାରା ବ୍ୟାପକ ମାନବୀୟ ଦୃଷ୍ଟିକୋଣ ପ୍ରତିଫଳିତ ହୋଇପାରିବ। ବିଶେଷକରି ଶିଶୁ ଓ ଯୁବପିଢ଼ି ଉପରେ ଲୋକପ୍ରିୟ କଳାକାରମାନଙ୍କ ପ୍ରଭାବ ରହିଥିବାରୁ ସଫଳ କଳାକାରମାନେ ଶୃଙ୍ଖଳିତ ଜୀବନଶୈଳୀର ଲାଭକୁ ପ୍ରୋତ୍ସାହନ ଦେବା ସହ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପଦାର୍ଥର ପ୍ରଚ଼ାରରୁ ଦୂରେଇ ରହିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ଦେଶରେ ନିର୍ମିତ ହେଉଥିବା ଚ଼ଳଚ୍ଚ଼ିତ୍ରର ଗୁଣବତ୍ତା ଭାରତୀୟ ଚ଼ଳଚ୍ଚ଼ିତ୍ର ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିପାରିବ ବୋଲି ତାଙ୍କ ବିଶ୍ୱାସକୁ ଆହୁରି ଦୃଢ଼ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଜୀବନବ୍ୟାପୀ କାହାଣୀ ଓ ଚ଼ଳଚ୍ଚ଼ିତ୍ରର ଅମର ଅବଦାନ ପାଇଁ ଅନନ୍ତ ନାଗ ସମ୍ମାନିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୪ ମସିହାର ଦାଦାସାହେବ ଫାଲକେ ପୁରସ୍କାର ଅନନ୍ତ ନାଗଙ୍କୁ ପ୍ରଦାନ କରିଥିଲେ। କାହାଣୀ କହିବା, ନାଟକ ଓ ଚ଼ଳଚ୍ଚ଼ିତ୍ର ପ୍ରତି ତାଙ୍କ ଜୀବନବ୍ୟାପୀ ନିଷ୍ଠାକୁ ଏହି ସମ୍ମାନ ମାନ୍ୟତା ଦେଇଛି। ଦୀର୍ଘ ଦଶନ୍ଧି ଧରି ଭାରତୀୟ ଚ଼ଳଚ୍ଚ଼ିତ୍ର ପ୍ରତି ତାଙ୍କ ସ୍ମରଣୀୟ ଅଭିନୟ ଓ ସ୍ଥାୟୀ ଅବଦାନକୁ ମଧ୍ୟ ଏହି ପୁରସ୍କାର ସ୍ୱୀକୃତି ଦେଇଛି। ପୁରସ୍କାର ଗ୍ରହଣ କରି ଅନନ୍ତ ନାଗ ତାଙ୍କ ଜୀବନ ଯାତ୍ରାକୁ ଗଢ଼ିଥିବା ଲୋକ ଓ ଅନୁଭୂତି ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ। ନିଜ ପିଲାଦିନକୁ ମନେ ପକାଇ ସେ କହିଥିଲେ ଯେ ସେ ଏକ ଆଶ୍ରମରେ ବଢ଼ିଥିଲେ ଏବଂ ପରେ ମୁମ୍ବାଇ ପଠାଯାଇଥିଲେ, ଯେଉଁଠାରେ ତାଙ୍କୁ ଏକ ନାଟକରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ନାଟକ ତାଙ୍କ ଅଭିନୟ ଜୀବନର ଭିତ୍ତି ହୋଇଥିଲା ଏବଂ ଚ଼ଳଚ୍ଚ଼ିତ୍ରକୁ ଆସିବା ପୂର୍ବରୁ ସେ ପ୍ରାୟ ୫୦ଟି ନାଟକରେ ଅଭିନୟ କରିଥିଲେ। ପରେ ସେ ପ୍ରଖ୍ୟାତ ଚ଼ଳଚ୍ଚ଼ିତ୍ର ନିର୍ଦ୍ଦେଶକ ଶ୍ୟାମ ବେନେଗାଲଙ୍କ ସମେତ ବିଭିନ୍ନ ଚ଼ଳଚ୍ଚିତ୍ରରେ କାମ କରିବାର ସୁଯୋଗ ପାଇଥିଲେ। ଅନନ୍ତ ନାଗ ସଚେତନ ଭାବେ କନ୍ନଡ଼ ଚ଼ଳଚ୍ଚ଼ିତ୍ରକୁ ବାଛିଥିଲେ ଏବଂ ବେଙ୍ଗାଲୁରୁକୁ ନିଜ କର୍ମଭୂମି କରିଥିଲେ। ଗତବର୍ଷ ରାଷ୍ଟ୍ରପତିଙ୍କ ହାତରୁ ପଦ୍ମଭୂଷଣ ସମ୍ମାନ ପାଇଥିବା କଥା ସ୍ମରଣ କରି ସେ ଚ଼ଳିତବର୍ଷ ପୁଣିଥରେ ରାଷ୍ଟ୍ରପତିଙ୍କ ହାତରୁ ଦାଦାସାହେବ ଫାଲକେ ପୁରସ୍କାର ପାଇଥିବାରୁ ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ଗୁଜରାଟରେ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାରକୁ ସ୍ୱାଗତ ଗୁଜରାଟରେ ଏହି ସମାରୋହ ଆୟୋଜିତ ହେବା ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାରର ଯାତ୍ରାରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛି। ଗୁଜରାଟର ରାଜ୍ୟପାଳ ଆଚ଼ାର୍ଯ୍ୟ ଦେବବ୍ରତ ନୂଆଦିଲ୍ଲୀ ବାହାରେ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର ଆୟୋଜନର ପରମ୍ପରା ଆରମ୍ଭ କରିଥିବାରୁ ସୂଚ଼ନା ଓ ପ୍ରସାରଣ ମନ୍ତ୍ରଣାଳୟ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଐତିହ୍ୟ ଓ ଶକ୍ତି ସହ ଜଡ଼ିତ ଏକତା ନଗର, କେଭାଡ଼ିଆରେ ଏହି ପ୍ରତିଷ୍ଠିତ ପୁରସ୍କାର ଆୟୋଜନ କରିବା ଗୁଜରାଟ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ। ୭୨ତମ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର ସମାରୋହକୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ ଭାରତୀୟ ଚ଼ଳଚ୍ଚ଼ିତ୍ର ଦେଶର ବିବିଧ ଭାଷା ଓ ସଂସ୍କୃତିକୁ ସମୃଦ୍ଧ କରିବାରେ ଉଲ୍ଲେଖନୀୟ ଅବଦାନ ରଖିଛି। ଚ଼ଳଚ୍ଚ଼ିତ୍ର ମାଧ୍ୟମରେ ପ୍ରାକୃତିକ କୃଷି, ସୁସ୍ଥ ଜୀବନଶୈଳୀ ଓ ପରିବେଶ ସଚେତନତାକୁ ପ୍ରୋତ୍ସାହନ ଦେବା ସହ ପ୍ରେମ, ଭାଇଚ଼ାରା ଓ ଜାତୀୟ ଏକତାର ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସେ ଚ଼ଳଚ୍ଚ଼ିତ୍ର ନିର୍ମାତାମାନଙ୍କୁ ଆହ୍ୱାନ ଦେଇଥିଲେ। ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରାଷ୍ଟ୍ରପତି ଓ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କୁ ଗୁଜରାଟରେ ସ୍ୱାଗତ କରି ଏକତା ନଗରରେ ୭୨ତମ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର ସମାରୋହ ଆୟୋଜନ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ସେ ଚ଼ଳଚ୍ଚ଼ିତ୍ରକୁ ସମାଜର ପ୍ରତିଫଳନ, ସଂସ୍କୃତିର ବାହକ ଏବଂ ମାନବୀୟ ଭାବନାକୁ ଯୋଡ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ବର୍ଣ୍ଣନା କରିଥିଲେ। ଚ଼ଳଚ୍ଚିତ୍ର ମାଧ୍ୟମରେ ଭାରତର ବିଶ୍ୱସ୍ତରୀୟ ପରିଚ଼ୟ ଓ ପ୍ରଭାବକୁ ସୁଦୃଢ଼ କରିବାର ସମ୍ଭାବନା ରହିଛି ବୋଲି ସେ କହିଥିଲେ। ଗୁଜରାଟର ସମୃଦ୍ଧ ଐତିହ୍ୟ, ବିବିଧ ପ୍ରାକୃତିକ ପରିବେଶ ଓ ସାଂସ୍କୃତିକ ପରମ୍ପରାକୁ ଉଲ୍ଲେଖ କରି ସେ ଭାରତୀୟ ଓ ଅନ୍ତର୍ଜାତୀୟ ଚ଼ଳଚ୍ଚିତ୍ର ନିର୍ମାତାମାନଙ୍କୁ ଗୁଜରାଟରେ ଚ଼ଳଚ୍ଚିତ୍ରର ସୁଟିଂ କରିବାକୁ ଆମନ୍ତ୍ରଣ ଦେଇଥିଲେ। କେନ୍ଦ୍ର ସୂଚ଼ନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକତା ନଗର, କେଭାଡ଼ିଆରେ ୭୨ତମ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର ସମାରୋହରେ ରାଷ୍ଟ୍ରପତି ଯୋଗଦେଇଥିବାରୁ କୃତଜ୍ଞତା ପ୍ରକାଶ କରି ସମସ୍ତ ପୁରସ୍କାର ବିଜେତାଙ୍କୁ ଭାରତୀୟ ଚ଼ଳଚ୍ଚ଼ିତ୍ରରେ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଚ଼ଳଚ୍ଚ଼ିତ୍ର ଏକ ଦଳଗତ ପ୍ରୟାସ ଏବଂ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର କେବଳ ପୁରସ୍କୃତ ହେଉଥିବା ବ୍ୟକ୍ତିଙ୍କୁ ନୁହେଁ, ପରଦା ପଛରେ କାମ କରୁଥିବା ସମସ୍ତଙ୍କୁ ମଧ୍ୟ ସ୍ୱୀକୃତି ଦେଇଥାଏ ବୋଲି ସେ କହିଥିଲେ। ଦାଦାସାହେବ ଫାଲକେ ପୁରସ୍କାରପ୍ରାପ୍ତ ଅନନ୍ତ ନାଗଙ୍କ ଭାରତୀୟ ଚ଼ଳଚ୍ଚ଼ିତ୍ର ପ୍ରତି ବିଶାଳ ଅବଦାନକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର ସମାରୋହ ଆୟୋଜନ କରି ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଉପରେ ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାରର ଗୁରୁତ୍ୱ ରହିଛି ବୋଲି ଅଶ୍ୱିନୀ ବୈଷ୍ଣବ କହିଥିଲେ। ଭବିଷ୍ୟତର ଜାତୀୟ ଚ଼ଳଚ୍ଚ଼ିତ୍ର ପୁରସ୍କାର ସମାରୋହ ପାଇଁ ପର୍ଯ୍ୟଟନସ୍ଥଳୀ ପ୍ରସ୍ତାବ ଦେବାକୁ ସେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଆହ୍ୱାନ ଦେଇଥିଲେ।



ପ୍ରତିଶବ୍ଦ TV

ଭୁବନେଶ୍ୱର,ଗୁରୁବାର, ସେପ୍ଟେମ୍ବର ୨୪, ୨୦୨୬

# ୯ମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ-୨୦୨୬ରେ ଓଡ଼ିଶାର ସମନ୍ୱିତ ଜଳ ସମ୍ପଦ ପରିଚାଳନା ମଡେଲ୍ ପ୍ରଦର୍ଶିତ

ନୂଆଦିଲ୍ଲୀ/ ୨୩/ ୯ (ଓସବ୍ୟୁ): ନୂଆଦିଲ୍ଲୀରେ ଆୟୋଜିତ ୯ମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ (ଆଇଆଇଡବ୍ଲ୍ୟୁଡବ୍ଲ୍ୟୁ)-୨୦୨୬ରେ ଓଡ଼ିଶା ନିଜର ସମନ୍ୱିତ ଜଳ ସମ୍ପଦ ପରିଚାଳନା ମଡେଲ୍ ପ୍ରଦର୍ଶନ କରିଛି। ସେପ୍ଟେମ୍ବର ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶା ସହଭାଗୀ ରାଜ୍ୟ ଭାବେ ଅଂଶଗ୍ରହଣ କରିଅଛି। ଚଳିତବର୍ଷର ବିଷୟବସ୍ତୁ 'ଜଳବାୟୁ ସହନଶୀଳ ଜଳ ପରିଚାଳନା'। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ସି. ଆର୍. ପାଟିଲ୍ ଓଡ଼ିଶା ପ୍ୟାଭିଲିୟନ୍‌ର ଉଦ୍‌ଘାଟନ କରିଛନ୍ତି।

ଆଇଆଇଡବ୍ଲ୍ୟୁଡବ୍ଲ୍ୟୁ-୨୦୨୬ର ବିଭିନ୍ନ ଆଲୋଚନା ମଧ୍ୟରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା "ସ୍ଥାୟୀ ଜଳ ସମ୍ପଦ ପରିଚାଳନା ପାଇଁ ଭାରତ-ଡେନମାର୍କର ମିଳିତ ସମାଧାନ (Joint Indo-Danish Solutions for Sustainable Water Management)" ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନର ସହ-ଅଧ୍ୟକ୍ଷତା କରିଥିଲେ। ଭାରତରେ ଡେନମାର୍କର ରାଷ୍ଟ୍ରଦୂତ ମହାମହିମ ଶ୍ରୀ ରାସମୁସ୍ ଆବିଲ୍‌ଡଗାର୍ଡ କ୍ରିଷ୍ଟେନ୍‌ସେନ୍‌ଙ୍କ ସହ ସେ ଏହି ଅଧିବେଶନରେ ଅଂଶଗ୍ରହଣ କରି ଉପକୂଳ କ୍ଷୟର ମୁକାବିଲା, ଉପକୂଳୀୟ ସହନଶୀଳତା ବୃଦ୍ଧି ଏବଂ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରରେ ଡେନମାର୍କର ବିଶେଷଜ୍ଞତା ଓ ପ୍ରଯୁକ୍ତିର ଉପଯୋଗ ସମ୍ପର୍କରେ ଓଡ଼ିଶା-ଡେନମାର୍କ ସହଯୋଗର ସମ୍ଭାବନା ଉପରେ ଆଲୋକପାତ କରିଥିଲେ।

ଓଡ଼ିଶା ପ୍ୟାଭିଲିୟନ୍‌ରେ ରାଜ୍ୟର ଜଳସେଚନ ଭିତ୍ତିଭୂମି, ଜଳର ଦକ୍ଷ




ଉପଯୋଗ ସହ ଜଳ ସୁରକ୍ଷା ଓ ଜଳବାୟୁ ସହନଶୀଳତା ବୃଦ୍ଧି ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ପ୍ରଦର୍ଶିତ ହେଉଛି। ଏଥିରେ ମୃତ୍ତିକା ଆର୍ଦ୍ରତା ସେନ୍‌ସର୍, ସମନ୍ୱିତ ଧାନ-ମାଛ ଚାଷ ମଡେଲ୍, ସ୍ୱୟଂଚାଳିତ ଓଦା-ଶୁଖିଲା ପ୍ରଣାଳୀ ଏବଂ ଡାଲି ଓ ଧାନର ବିଭିନ୍ନ ବିହନ କିସମ ଆଦି ପ୍ରଦର୍ଶିତ ହୋଇଛି। ଏହି ପଦକ୍ଷେପଗୁଡ଼ିକ ଜଳବାୟୁ ସହନଶୀଳ କୃଷିକୁ ପ୍ରୋତ୍ସାହିତ କରିବା ସହ ଜଳର ଦକ୍ଷ ଉପଯୋଗରେ ସହାୟକ ହେଉଛି।

'ଜଳବାୟୁ ସହନଶୀଳ ଜଳ ପରିଚାଳନା' ବିଷୟବସ୍ତୁ ସହ ସମନ୍ୱୟ ରଖି "ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ)"ର ଏକ ସ୍ୱତନ୍ତ୍ର ମଡେଲ୍ ମାଧ୍ୟମରେ ଜଳ ସମ୍ପଦ ବିଭାଗ ଦ୍ୱାରା ରାଜ୍ୟରେ ଗ୍ରହଣ କରାଯାଉଥିବା ଜଳବାୟୁ ସହନଶୀଳ ପଦକ୍ଷେପଗୁଡ଼ିକ ପ୍ରଦର୍ଶିତ ହେଉଛି। ଏହି ପ୍ରକଳ୍ପ ଅଧୀନରେ ୧୫ଟି ଜିଲ୍ଲାର ୫୩୮ଟି କ୍ଷୁଦ୍ର ଜଳସେଚନ ଟାଙ୍କର ପୁନରୁଦ୍ଧାର, ଉନ୍ନତ ଜଳସେଚନ ବ୍ୟବସ୍ଥା, ଜଳବାୟୁ ସହନଶୀଳ ଓ ବୈଜ୍ଞାନିକ କୃଷି, ମତ୍ସ୍ୟଚାଷ ବିକାଶ ଏବଂ ଜୀବିକା ସହାୟତା ଭଳି ବିଭିନ୍ନ ପଦକ୍ଷେପକୁ ସମନ୍ୱିତ କରାଯାଇଛି।

ଓଡ଼ିଶାର ପ୍ରଦର୍ଶନୀର ଅନ୍ୟତମ ପ୍ରମୁଖ ଆକର୍ଷଣ ହେଉଛି କାନୁପୁର ଜଳସେଚନ ପ୍ରକଳ୍ପର ମଡେଲ୍। ଏହି ମଡେଲ୍‌ରେ ଜଳ ସଂରକ୍ଷଣ, ଉପ-ଅବବାହିକା ମଧ୍ୟରେ ଜଳ ସ୍ଥାନାନ୍ତରଣ ଏବଂ ଆଧୁନିକ ଜଳ ପରିବହନ ବ୍ୟବସ୍ଥା ପ୍ରଦର୍ଶିତ ହୋଇଛି। ଉପଲବ୍ଧ ଜଳ ସମ୍ପଦର ସର୍ବାଧିକ ଦକ୍ଷ ଉପଯୋଗ ଏବଂ ଭବିଷ୍ୟତ ଜଳ ସୁରକ୍ଷା ସୁଦୃଢ଼ କରିବା ଦିଗରେ ଓଡ଼ିଶାର ଆଭିମୁଖ୍ୟକୁ ମଧ୍ୟ ଏହି ମଡେଲ୍ ଉପସ୍ଥାପନ କରୁଛି।

ଏକ ସ୍ୱତନ୍ତ୍ର ଡିଜିଟାଲ୍ 'ସଫଳତାର କାହାଣୀ' ପ୍ଲାଟଫର୍ମ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ସଫଳତା ଓ ଉପଲବ୍ଧିକୁ ପ୍ରଦର୍ଶିତ କରାଯାଉଛି। ଏଥିରେ ଚାଷୀ, ସମୁଦାୟର ସଦସ୍ୟ ଏବଂ ବିଭିନ୍ନ ହିତାଧିକାରୀଙ୍କ ସାମାଜିକ-ଆର୍ଥିକ ପ୍ରଗତିର କାହାଣୀ ସ୍ଥାନ ପାଇଛି।

'କମ୍ୟୁନିଟି ଏନ୍‌ଗେଜ୍‌ମେଣ୍ଟ କର୍ଣ୍ଣର' ଏକ ଅଂଶଗ୍ରହଣମୂଳକ ଓ ସମୁଦାୟକେନ୍ଦ୍ରିକ ସ୍ଥାନ ଭାବେ ପ୍ରସ୍ତୁତ କରାଯାଇଛି। ଏଠାରେ କୁଇଜ୍, ସଚେତନତାମୂଳକ କାର୍ଯ୍ୟକ୍ରମ ଏବଂ 'ଜଳ ସଂରକ୍ଷଣ ପ୍ରତିଜ୍ଞା' ଭଳି ବିଭିନ୍ନ ଆୟୋଜନ ମାଧ୍ୟମରେ ଦର୍ଶକମାନଙ୍କୁ ଜଳ ସଂରକ୍ଷଣ ଓ ଜଳ ସମ୍ପଦର ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଉତ୍ସାହିତ କରାଯାଉଛି।

ଆଇଆଇଡବ୍ଲ୍ୟୁଡବ୍ଲ୍ୟୁ-୨୦୨୬ରେ ଅଂଶଗ୍ରହଣ ମାଧ୍ୟମରେ ଓଡ଼ିଶା ସମନ୍ୱିତ ଜଳ ସମ୍ପଦ ପରିଚାଳନା, ଜଳବାୟୁ ସହନଶୀଳ କୃଷି, ଦକ୍ଷ ଜଳସେଚନ, ଜୀବିକା ବିକାଶ ଏବଂ ସମୁଦାୟଭିତ୍ତିକ ଜଳ ପରିଚାଳନା କ୍ଷେତ୍ରରେ ନିଜର ଅଭିଜ୍ଞତା ଓ ପଦକ୍ଷେପକୁ ଜାତୀୟ ତଥା ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନ କରିଛି।

## ସିପିଆଇ(ଏମ) ପକ୍ଷରୁ ସହୀଦନଗରରେ ସହୀଦ ଦିବସ ପାଳନ

ସହୀଦନଗର/ ଭଦ୍ରକ, ୨୩/ ୯ :ଜାତିର ଜନକ ମହାତ୍ମା ଗାନ୍ଧୀ ଙ୍କ ଡାକରାରେ ଆମ ଦେଶରେ ସଂଗଠିତ ହୋଇଥିବା ଭାରତଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖ ସହୀଦନଗର ଠାରେ ସର୍ଦ୍ଦାର ମୁରଲିଧର ପଣ୍ଡା ଙ୍କ ନେତୃତ୍ୱରେ ଜନସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ଜନସମାବେଶ କୁ ଭଣ୍ଡୁର କରିବା ପାଇଁ ପୋଲିସ ଆଖିବୁଜା ଗୁଳିଚାଳନା କରିଥିଲା । ଏହି ଗୁଳିକାଣ୍ଡ ରେ ସହୀଦନଗର ଅଞ୍ଚଳର ଚାଷୀ ନିଧି ମହାଳିକ, ଶ୍ୟାମ ମହାଳିକ ଙ୍କ ସମେତ ମୋଟ ୯ ଜଣ ସହୀଦ ହୋଇଥିଲେ । ସେହି ଅମର ସହୀଦଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇବା ପୂର୍ବକ ସିପିଆଇ(ଏମ) ପକ୍ଷରୁ ସହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପମାଳା ଅର୍ପଣ



କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ଆଇନଜୀବି ବିକାଶ ନାଥ, ସିପିଆଇ(ଏମ) ଧୁଷୁରୀ ଆଞ୍ଚଳିକ କମିଟି ସଂପାଦକ ରମେଶ ସାହୁ, ସିପିଆଇଏମ ନେତା ଗୋଲେକ ଯେନା, ନିଶାକାର ସୂତାର, ଜୟୀରାମ ମିଶ୍ର, ହେମନ୍ତ ଯେନା, ନାରଣ ଯେନା, ବାବୁଲା ଯେନା, ନରେନ୍ଦ୍ର ଯେନା, ଦିଲିପ ସିଂ, କାର୍ତ୍ତିକ ସାହୁ, ବାଇଧର ଦଳେଇ, ରଘୁ ମହାଳିକ ପ୍ରମୁଖ ଯୋଗଦେଇ ସହୀଦ ମାନଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ।

## ଝାରସୁଗୁଡାରେ ଗଡିବ ୨୫ଟି ଆମ ବସ୍

ଭୁବନେଶ୍ୱର, ୨୩/ ୯ : ଝାରସୁଗୁଡା ଜିଲ୍ଲାରେ ଆମ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଖୁବ୍‌ଶୀଘ୍ର ୨୫ଟି ବସ୍ ସହରରେ ଚଳାଚଳ କରିବ । ଜିଲ୍ଲାରେ ମୋ ବସ୍ ଚଳାଚଳ ସଂକ୍ରାନ୍ତରେ ଶ୍ରୀ ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଝାରସୁଗୁଡା ଜିଲ୍ଲାରେ ୨୫ଟି ଇ-ବସ୍ ଚଳାଇବା ପାଇଁ ସରକାରଙ୍କ ନିକଟରେ ଯୋଜନା ରହିଛି । ଏ ଦିଗରେ କାର୍ଯ୍ୟ ଜାରି ରହିଛି । ବସ୍‌ଷ୍ଟାଣ୍ଡ ଓ ଡିପୋର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ସହରରେ ଆମ ବସ୍ ଚଳଚାଳ ଆରମ୍ଭ କରାଯିବ ।

# ଦେଶର ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳୀରେ ପହଞ୍ଚିବ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

### ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳର ପ୍ରସ୍ତାବ ଦେବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଆହ୍ୱାନ



ନୂଆଦିଲ୍ଲୀ, ୨୩/ ୯ (ପିଆଇବି):କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କହିଛନ୍ତି ଯେ, ଜାତୀୟ ଚଳଚ୍ଚିତ୍ର ପୁରସ୍କାରକୁ ଦେଶର ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଆୟୋଜନ କରାଯିବ। ଜାତୀୟ ସ୍ତରର କାର୍ଯ୍ୟକ୍ରମଗୁଡ଼ିକୁ ପାରମ୍ପାରିକ ସ୍ଥାନରୁ ବାହାରକୁ ନେଇ ଦେଶର ବିଭିନ୍ନ ସ୍ଥାନ ସହିତ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ ଏହି ପଦକ୍ଷେପ ନିଆଯାଉଛି।

ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଲେ, 'ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କାର୍ଯ୍ୟକ୍ରମକୁ ଦେଶର ସର୍ବୋତ୍ତମ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ନେଇଯାଉଛୁ।'

ସେ କହିଲେ ଯେ ଏକତା ନଗର ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛି ଏବଂ ଏହା ଏକ ଅତ୍ୟନ୍ତ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ, ଯେଉଁଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ରହିଛି। ସେ ଆହୁରି ମଧ୍ୟ କହିଲେ ଯେ ଯେତେବେଳେ ଭାରତର ମାନ୍ୟବର ରାଷ୍ଟ୍ରପତି ଏବଂ ଦେଶର ଚଳଚ୍ଚିତ୍ର ଜଗତର ପ୍ରମୁଖ ବ୍ୟକ୍ତିବିଶେଷ ଏଭଳି ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରନ୍ତି, ସେତେବେଳେ ଏହା ଅଧିକ ଲୋକଙ୍କୁ ସେହି ସ୍ଥାନ ବିଷୟରେ ଜାଣିବା ଓ ଅନୁଭବ କରିବାର ସୁଯୋଗ ପ୍ରଦାନ କରିଥାଏ।ମନ୍ତ୍ରୀ କହିଲେ ଯେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରକୁ କେବଳ ଏକ ସମ୍ମିଳନୀ କକ୍ଷ ମଧ୍ୟରେ ସୀମିତ ନ ରଖି ଲୋକଙ୍କ ନିକଟତର କରିବା ଏବଂ ପର୍ଯ୍ୟଟନ ମାଧ୍ୟମରେ ଏହାର ପ୍ରଚାର ଓ ପ୍ରସାର କରିବା ଏହି ପ୍ରୟାସର ଲକ୍ଷ୍ୟ।

ଶ୍ରୀ ଅଶ୍ୱିନୀ ବୈଷ୍ଣବ ସମସ୍ତ ରାଜ୍ୟକୁ ଆହ୍ୱାନ ଦେଇଛନ୍ତି ଯେ ସେମାନେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଆୟୋଜନ ପାଇଁ ନିଜର ସର୍ବୋତ୍ତମ ପର୍ଯ୍ୟଟନ ସ୍ଥଳୀ ଚିହ୍ନଟ କରି ପ୍ରସ୍ତାବ ଦାଖଲ କରନ୍ତୁ। ସେ କହିଲେ ଯେ ଏହି ପ୍ରସ୍ତାବଗୁଡ଼ିକରେ ଉତ୍ତମ ସୁବିଧା ସୁଯୋଗ ସହିତ ସେହି ସ୍ଥାନର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ ରହିବା ଆବଶ୍ୟକ। ଯେଉଁ ରାଜ୍ୟର ପ୍ରସ୍ତାବ ଚୟନ କରାଯିବ, ସେହି ରାଜ୍ୟ ଉକ୍ତ ପ୍ରସ୍ତାବିତ ପର୍ଯ୍ୟଟନ ସ୍ଥଳୀରେ ପରବର୍ତ୍ତୀ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କାର୍ଯ୍ୟକ୍ରମ ଆୟୋଜନ କରିବ।

ମନ୍ତ୍ରୀ ମନେ ପକାଇଦେଲେ ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜି୨୦ ର ଆୟୋଜନ କରିଥିଲେ, ସେତେବେଳେ ଏହାର କାର୍ଯ୍ୟକ୍ରମଗୁଡ଼ିକୁ ଦେଶର ବିଭିନ୍ନ ଅଞ୍ଚଳ ଓ ରାଜ୍ୟରେ ଆୟୋଜନ କରାଯାଇଥିଲା। ସେ କହିଲେ ଯେ ଚଳଚ୍ଚିତ୍ର ଏବଂ ପର୍ଯ୍ୟଟନକୁ କିପରି ଏକତ୍ରିତ କରାଯାଇପାରିବ, ସେ ନେଇ ଏକ ବ୍ୟାପକ ଚିନ୍ତାଧାରା ଅଧୀନରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କାର୍ଯ୍ୟକ୍ରମକୁ ମଧ୍ୟ ଦେଶର ବିଭିନ୍ନ ସ୍ଥାନକୁ ନିଆଯାଉଛି।

ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଚଳଚ୍ଚିତ୍ର ଓ ପର୍ଯ୍ୟଟନକୁ ଏକତ୍ରିତ କରିବା ଦ୍ୱାରା ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଉପକୃତ ହେବ ଏବଂ ଏହା ଜାତୀୟ ଚଳଚ୍ଚିତ୍ର ପୁରସ୍କାରକୁ କେବଳ ଏକ ସମ୍ମିଳନୀ କକ୍ଷ ମଧ୍ୟରେ ସୀମିତ ନ ରଖି ଦେଶର ବିଭିନ୍ନ ପ୍ରକୃତ ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରିବ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ

ଭୁବନେଶ୍ୱର, ୨୩/ ୯ : ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶ କରି ବିଜେପି ସରକାର ରାଜ୍ୟର ଭବିଷ୍ୟତ ପିଢ଼ିଙ୍କ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛନ୍ତି । ଯାହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ଆନ୍ଦୋଳନ ଆରମ୍ଭ ହୋଇଛି । ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ଜନତା ଦଳର କର୍ମୀମାନେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜିରେ ବର୍ଷାରେ ଭିଜି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ବିଜେଡି ଯୁବ ଛାତ୍ର ସଂଗଠନର ନେତୃମଣ୍ଡଳୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି ।



ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରିବା ସତ୍ତ୍ୱେ ଡବଲ ଇଞ୍ଜିନ ସରକାର ରାଜ୍ୟର ବିପର୍ଯ୍ୟସ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକରେ ସୁଧାର କରିଲେ ନାହିଁ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିଲେ ନାହିଁ । ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ । ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ ବୋଲି ପ୍ରଶ୍ନ କରିଛନ୍ତି । ପୁସ୍ତକରେ ୧୬୭୮ରୁ ଅଧିକ ତ୍ରୁଟି ରହିଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ବାବଦରେ ରାଜ୍ୟ ସରକାର ସବୁ ଜାଣି ସୁଦ୍ଧା ମାଳ ମାଳ ତ୍ରୁଟି ଥିବା ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିଛନ୍ତି । ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାପିଥିବା ପ୍ରକାଶନ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ କେନ୍ଦ୍ରୀୟ ବିଜେପି ନେତାମାନେ ଚାପ ପ୍ରୟୋଗ କରି ନିଜ ପ୍ରକାଶନ ସଂସ୍ଥାକୁ ନେଇଥିଲେ । ଉକ୍ତ ପ୍ରକାଶନ ସଂସ୍ଥାକୁ ଟଙ୍କା ସୁରୁଖୁରୁରେ ପ୍ରଦାନ କରାଇବା ପାଇଁ ତ୍ରୁଟି ଗୁଡିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଥିଲେ । ପିଲା ମାନଙ୍କୁ ଅପାଠୁଆ କରିବା ପାଇଁ ପୁସ୍ତକ ଗୁଡିକରେ ମାଳ ମାଳ ତ୍ରୁଟି ରହିଛି । ପୁସ୍ତକ ପ୍ରକାଶନରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମିଲ୍ ରହିଛନ୍ତି । ତାଙ୍କ ଇସ୍ତଫା ଦାବି କରିବା ସତ୍ତ୍ୱେ ମନ୍ତ୍ରୀ କିନ୍ତୁ ନିଜ ପଦ ଛାଡିନଥିବାରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି । ମୁଖ୍ୟମନ୍ତ୍ରୀ ଚୁପ୍ ହୋଇ ବସିଛନ୍ତି । ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାରେ ପଛ ଘୁଞ୍ଚା ଦେଉଛନ୍ତି । ତଳତଳିଆ କର୍ମଚାରୀ ମାନଙ୍କୁ ଗିରଫ କରି ବଡ ବଡିଆ ମାନଙ୍କୁ ଛାଡି ଦିଆଯାଉଛି । ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ତ୍ରୁଟି ଶୂନ୍ୟ ପୁସ୍ତକ ମିଳିପାରିଲା ନାହିଁ । ବିଜେପି ସରକାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଜରିଆରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ।

ରାଜ୍ୟର ଭବିଷ୍ୟତ ପିଢିର ଛାତ୍ରଛାତ୍ରୀ ମାନଙ୍କ ଅଧିକାର ପାଇଁ ବିଜେଡି ଲଢେଇ ଆରମ୍ଭ କରିଛି । ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭରୁ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ବିଜେଡି ପକ୍ଷରୁ ବିଧାନସଭା ଭିତରେ ଏବଂ ବାହାରେ ପ୍ରବଳ ବିରୋଧ ପ୍ରଦର୍ଶନ କରାଯାଇଛି । ପ୍ରବଳ ହୋହାଲ୍ଲା କାରଣରୁ ବିଧାନସଭା ମୁଲତବୀ ରଖାଯାଇଥିଲା । ବିଜେଡି ବିଧାୟକ ମାନେ ବିଧାନସଭାରୁ ଏକ ଶୋଭାଯାତ୍ରାରେ ଆସି ଧାରଣାସ୍ଥଳରେ ପହଞ୍ଚିଥିଲେ । ବର୍ଷାରେ ଭିଜି ଭିଜି ପ୍ରତିବାଦ ପ୍ରଦର୍ଶନ କରିଥିଲେ । ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦେଇ ମନ୍ତ୍ରୀ ମଣ୍ଡଳରୁ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବହିଷ୍କାର ଦାବି କରିଛନ୍ତି । ଆସନ୍ତା କାଲି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବ । ହଜାର ହଜାର ସଂଖ୍ୟାରେ ଯୁବ ଓ ଛାତ୍ର ମାନେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ପ୍ରତିବାଦ ପ୍ରଦର୍ଶନ କରିବେ । ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାଗତ ଭବିଷ୍ୟତ ଉପରେ ଡବଲ ଇଞ୍ଜିନ ସରକାରଙ୍କ ଆକ୍ରମଣକୁ ଜୋରଦାର ବିରୋଧ କରାଯାଇଛି ।

ବିକ୍ଷୋଭ ସ୍ଥାନରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଅଶୋକ ପଣ୍ଡା, ସଂଜୟ ଦାସବର୍ମା, ପ୍ରତାପ ଦେବ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ.ଅରୁଣ କୁମାର ସାହୁ, ନିରଂଜନ ପୂଜାରୀ, ବ୍ୟୋମକେଶ ରାୟ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁଧୀର ସାମଲ, ପ୍ରଣବ ବଳବନ୍ତରାୟ, ପଦ୍ମନାଭ ବେହେରା, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, ସର୍ମିଷ୍ଠା ସେଠୀ, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ଅଶ୍ୱୀନ କୁମାର ପାତ୍ର, ଗୌତମ ବୁଦ୍ଧ ଦାସ, ମାଧବ ଧଡା, ବର୍ଷା ସିଂ ବରିହା, ସଂଜୀବ କୁମାର ମଲ୍ଲିକ, କଳିକେଶ ନାରାୟଣ ସିଂଦେଓ, ମନ୍ମଥ ରାଉତରାୟ, ପ୍ରଶାନ୍ତ ବେହେରା, ରୋମାଞ୍ଚରଂଜନ ବିଶ୍ୱାଳ, ରୂପେଶ ପାଣିଗ୍ରାହୀ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଂଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦିଶାରୀ, ଦିବ୍ୟଶଙ୍କର ମିଶ୍ର, ଧ୍ରୁବଚରଣ ସାହୁ, ବଦ୍ରୀନାରାୟଣ ପାତ୍ର, ଅଭିମନ୍ୟୁ ସେଠୀ, ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଦୀପ କୁମାର ସାହୁ, ମନୋହର ରନ୍ଧାରୀ, ଅଧିରାଜ ମୋହନ ପାଣିଗ୍ରାହୀ, ତୁଷାରକାନ୍ତୀ ବେହେରା, ସୁନିଲ କୁମାର ମହାନ୍ତି, ସୁଦର୍ଶନ ହରିପାଲ, ନୃସିଂହ ସାହୁ, ପ୍ରଦୀପ ମାଝୀ, ଯୋଗେଶ କୁମାର ସିଂ, ରୋହିତ ଯୋଶେଫ ତିର୍କୀ, ସାରଦା ପ୍ରସାଦ ନାୟକ, ଝିନ୍ନ ହୀକ୍କାକା, ଦେବାଶିଷ ମାରାଣ୍ଡି, ଦେବେଶ ଆଚାର୍ଯ୍ୟ, ଅମରେଶ ପତ୍ରୀ, ସମେତ ଅନ୍ୟାନ୍ୟ ଯୁବ ଓ ଛାତ୍ର ନେତୃତ୍ୱ ମାନେ ଉପସ୍ଥିତ ଥିଲେ ।

# ବିଜେଡି ବାରବାଟୀ -କଟକ ନିର୍ବାଚନୀ ମଣ୍ଡଳୀ ର ସମସ୍ତ ଜିଲ୍ଲା ପଦାଧିକାରୀ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

### ଅକ୍ଟୋବର ୨ରୁ ବାରବାଟୀ-କଟକରେ ଆରମ୍ଭ ହେବ ଗାନ୍ଧୀ ଜୟନ୍ତୀ ପଦଯାତ୍ରା



କଟକ ୨୩/ ୯: ବିଜୁ ଜନତା ଦଳ (ବିଜେଡି) କଟକ ମହାନଗର ସାଙ୍ଗଠନିକ ଜିଲ୍ଲା (ସହର) ପକ୍ଷରୁ ବାରବାଟୀ ଷ୍ଟାଡିୟମ ନିକଟରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ସ୍ୱଦେଶ ଦାସଙ୍କ ସଭାପତିତ୍ୱ ଓ ଏବଂ କଟକ ମେୟୋର ଶ୍ରୀ ସୁବାସ ସିଂହ ଙ୍କ ନେତୃତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା।

ଏହି ବୈଠକରେ ଆଗାମୀ ଦିନରେ ଦଳର ସାଙ୍ଗଠନିକ ସ୍ଥିତିକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ସହିତ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀର ପରିପ୍ରେକ୍ଷୀରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଆୟୋଜିତ ହେବାକୁ ଥିବା ବ୍ୟାପକ 'ଜନସମ୍ପର୍କ ପଦଯାତ୍ରା'ର ରୂପରେଖ ଓ ପ୍ରସ୍ତୁତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପଦଯାତ୍ରା ଓ ସାଙ୍ଗଠନିକ କାର୍ଯ୍ୟକ୍ରମ:

ବୈଠକରେ ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଛନ୍ତି ଯେ, ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ କଟକ ସହରର କୋଣ-ଅନୁକୋଣରେ ପଦଯାତ୍ରା ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଛତ୍ରପୁରରେ 'ସୋଲାର ରଥ'ର ଶୁଭାରମ୍ଭ



ଛତ୍ରପୁର,୨୩/୯: ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନ ଏବଂ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା' ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ସୋଲାର ସଚେତନତା ରଥ'ର ଶୁଭାରମ୍ଭ କରାଯାଇଛି। ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ମିଳିତ ଭାବେ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ।

ଦକ୍ଷିଣ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୩ ହଜାର ସୌର ପ୍ୟାନେଲ୍ ସ୍ଥାପିତ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାରେ ୨୦,୬୬୫ଟି ସୌର ପ୍ୟାନେଲ୍ ସ୍ଥାପିତ ହୋଇଛି। ଏହି କ୍ଷେତ୍ରରେ ଗଞ୍ଜାମ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ଉଭା ହୋଇଛି। ସୌର ଶକ୍ତି ବ୍ୟବହାରକୁ ଅଧିକ ବ୍ୟାପକ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଘରକୁ ଘର ସଚେତନତା, ଗ୍ରାମପଞ୍ଚାୟତ ବୈଠକ, ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ, ଷ୍ଟଲ୍ ଓ ବିକାଶ ମେଳା ଆଦି ମାଧ୍ୟମରେ ବିଭିନ୍ନ ପଦକ୍ଷେପ ନିଆଯାଇଛି।

'ସୋଲାର ସଚେତନତା ରଥ' ମାଧ୍ୟମରେ ଯୋଗ୍ୟତା, ଆବେଦନ ପ୍ରକ୍ରିୟା, ସରକାରୀ ସବସିଡି, ଆର୍ଥିକ ସହାୟତା ଏବଂ ଛାତ ଉପରେ ସୌର ପ୍ୟାନେଲ୍ ସ୍ଥାପନର ସୁବିଧା ସମ୍ପର୍କରେ ଅଡିଓ ଜିଙ୍ଗଲ୍, ସୂଚନାପତ୍ର ଓ ବିଭିନ୍ନ ସଚେତନତା ସାମଗ୍ରୀ ମାଧ୍ୟମରେ ଲୋକଙ୍କୁ ସୂଚନା ଦିଆଯିବ। ଏଥିସହ ଗ୍ରାହକଙ୍କ ସହ ସିଧାସଳଖ ଆଲୋଚନା କରାଯାଇ ଯୋଜନା ସମ୍ପର୍କିତ ସୂଚନା ଓ ସନ୍ଦେହର ସମାଧାନ କରାଯିବ।

ଏହି ଅବସରରେ ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଗର୍ଗ କହିଛନ୍ତି ଯେ, 'ସୋଲାର ରଥ' ମାଧ୍ୟମରେ ସୌର ଶକ୍ତି ଏବଂ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା' ସମ୍ପର୍କିତ ସୂଚନା ସରଳ ଓ ସିଧାସଳଖ ଭାବେ ଲୋକଙ୍କ ନିକଟରେ ପହଞ୍ଚିବ। ବିଶେଷକରି ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ଅଧିକ ପରିବାରଙ୍କୁ ସୌର ଶକ୍ତି ଆପଣାଇବା ପାଇଁ ସଚେତନ ଓ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

ଏହି ସଚେତନତା ରଥ ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା—ଗଞ୍ଜାମ, ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳ—ପରିକ୍ରମା କରିବ। ଗ୍ରାମ, ଗ୍ରାମପଞ୍ଚାୟତ, ହାଟବଜାର ଓ ବିଭିନ୍ନ ଜନସମାଗମ ସ୍ଥଳ ସମେତ ସହର ଓ ସହର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏହା ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ।

# ବିଶ୍ୱ ଗଣ୍ଡା ଦିବସ ପାଳନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩/୯ (ପିଆଇବି):ଆଜି 'ବିଶ୍ୱ ଗଣ୍ଡା ଦିବସ' ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମହାନ 'ଏକ-ଶିଙ୍ଗୀ ଗଣ୍ଡା'ର ପ୍ରଶଂସା କରିବା ସହ ସେମାନଙ୍କ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସାଧୁବାଦ ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ସମଗ୍ର ବିଶ୍ୱର ପ୍ରାୟ ୮୦ ପ୍ରତିଶତ ଗଣ୍ଡା ଆସାମରେ ଅଛନ୍ତି ଏବଂ ଗଣ୍ଡା ଶିକାର ରୋକିବା ପାଇଁ କାଜିରଙ୍ଗାର ଉଦ୍ୟମକୁ ବ୍ୟାପକ ଭାବେ ପ୍ରଶଂସା କରାଯାଇଛି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ବିହାର ଏବଂ ପଶ୍ଚିମବଙ୍ଗର କିଛି ଅଂଶକୁ ଗଣ୍ଡା ଫେରି ଆସିଛନ୍ତି କିମ୍ବା ଭଲ ଭାବରେ ସୁରକ୍ଷିତ ଅଛନ୍ତି, ଯେତେବେଳେ କି ଉତ୍ତର ପ୍ରଦେଶର ଦୁଧୱାରେ ଗଣ୍ଡାଙ୍କ ସଫଳ ପୁନଃ ଆତଯାତ ଇତିହାସ ସୃଷ୍ଟି କରୁଛି। ସେ କହିଥିଲେ ଯେ ଏହା ବିଭିନ୍ନ ରାଜ୍ୟରେ ପ୍ରାଣୀ ସୁରକ୍ଷା ଏବଂ ସକ୍ରିୟ ବନ୍ୟଜନ୍ତୁ ପରିଚାଳନା ପ୍ରତି ଜନସାଧାରଣଙ୍କ ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଅଧିକନ୍ତୁ, ଦେଶରେ ପ୍ରଜାତି ସଂରକ୍ଷଣକୁ ଆଗକୁ ନେବା ପାଇଁ, ସେ କହିଛନ୍ତି ଯେ ସୁରକ୍ଷା, ଆବାସ ପରିଚାଳନା, ଆନୁବଂଶିକ ଉନ୍ନତି ଏବଂ ଜନସଂଖ୍ୟାର ଗତିଶୀଳତାକୁ ବୁଝିବା ପାଇଁ ରେଞ୍ଜ ରାଜ୍ୟଗୁଡ଼ିକୁ ଆର୍ଥିକ ଏବଂ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ ପ୍ରୋଜେକ୍ଟ ଗଣ୍ଡା ଆରମ୍ଭ କରାଯାଇଛି। ଏକ୍ସ ଉପରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି:

'ବିଶ୍ୱ ଗଣ୍ଡା ଦିବସରେ, ଆମେ ଚମତ୍କାର ବୃହତ୍ତର ଏକ ଶିଙ୍ଗ ଥିବା ଗଣ୍ଡାକୁ ନେଇ ଉତ୍ସାହିତ ଏବଂ ଏହାର ସୁରକ୍ଷାର ଅଗ୍ରଭାଗରେ ଥିବା ସମସ୍ତଙ୍କୁ ପ୍ରଶଂସା କରୁ। ଆସାମରେ ବର୍ତ୍ତମାନ ବିଶ୍ୱର ଗଣ୍ଡା ସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ରହିଛି ଏବଂ ଗଣ୍ଡା ଶିକାରକୁ ସମାପ୍ତ କରିବା ପାଇଁ କାଜିରଙ୍ଗାର ପ୍ରୟାସକୁ ବ୍ୟାପକ ପ୍ରଶଂସା କରାଯାଇଛି।

ଗୋଟିଏ ପଟେ, ବିହାର ଏବଂ ପଶ୍ଚିମବଙ୍ଗର କିଛି ଅଂଶରେ ଗଣ୍ଡା ଫେରି ଆସିଛନ୍ତି କିମ୍ବା ଭଲ ଭାବରେ ସୁରକ୍ଷିତ ଅଛନ୍ତି । ଅନ୍ୟପକ୍ଷରେ, ଦୁଧୱା (ଉତ୍ତର ପ୍ରଦେଶ) ରେ ଗଣ୍ଡାଙ୍କ ପୁନଃଆତଯାତର ସଫଳତା ଇତିହାସ ସୃଷ୍ଟି କରୁଛି। ଏହା ରେଞ୍ଜ୍ ରାଜ୍ୟଗୁଡ଼ିକରେ ପଶୁ ସୁରକ୍ଷା ଏବଂ ସକ୍ରିୟ ବନ୍ୟଜନ୍ତୁ ପରିଚାଳନା ପ୍ରତି ଆମ ଲୋକଙ୍କ ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଦେଶରେ ପ୍ରଜାତି ସଂରକ୍ଷଣକୁ ଆଗକୁ ନେଇ, ମୁଁ ଖୁସି ଯେ ସୁରକ୍ଷା, ଆବାସ ପରିଚାଳନା, ଆନୁବଂଶିକ ଉନ୍ନତି ଏବଂ ଜନସଂଖ୍ୟାର ଗତିଶୀଳତାକୁ ବୁଝିବା ପାଇଁ ରେଞ୍ଜ ରାଜ୍ୟଗୁଡ଼ିକୁ ଆର୍ଥିକ ଏବଂ ବୈଷୟିକ ସହାୟତା ପାଇଁ ପ୍ରୋଜେକ୍ଟ ଗଣ୍ଡା ଆରମ୍ଭ କରାଯାଇଛି ।

# ଆଠମଲ୍ଲିକ ବ୍ଲକ ଛାତ୍ର ଛାତ୍ରୀ ମାନଙ୍କ କ୍ରୀଡା ପ୍ରତିଯୋଗିତା ଉଦଯାପିତ



ଆଠମଲ୍ଲିକ ୨୩/୦୯ (ପ୍ରତିଶବ୍ଦ ନ୍ୟୁଜ ): ଆଠମଲ୍ଲିକ ସ୍ଥିତ ମିନି ଷ୍ଟାଡିଅମ ଖେଳ ପଡିଆ ରେ ୨ ଦିନ ଧରି ଚାଲିଥିବା ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତା ରେ କବାଡି, ଖୋ ଖୋ, ଫୁଟବଲ ଓ ବିଭିନ୍ନ ଅଥଲେଟିକ ଖେଳ ରେ ଜିଲ୍ଲା ସ୍ତର କୁ ଖେଳାଳି ଚୟନ ପାଇଁ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତା ର ଦ୍ୱିତୀୟ ଉଦଯାପନୀ ଦିବସ ରେ ଅତିଥି ଭାବରେ ଏ ବି ଇ ଓ ଧରଣୀଧର ସେଠୀ ଯାଇ ଖେଳ ରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ବ୍ଲକ ସ୍ତର ରେ ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ସଫଳତା ପାଇଥିବା ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତର ରେ ପ୍ରତିଯୋଗିତା ରେ ଭାଗ ନେବା ପାଇଁ ସୁଯୋଗ ପାଇବେ ବୋଲି ଘୋଷଣା କରାଯାଇଥିଲା ।ଏହି କ୍ରୀଡା ପ୍ରତିଯୋଗିତା କୁ ଖେଳ ଶିକ୍ଷକ ସତ୍ୟ ପ୍ରିୟ ପ୍ରଧାନ, କଳ୍ପତରୁ ପ୍ରଧାନ, ଗୋଲେଖ ସାହୁ ଙ୍କ ସମେତ ବହୁ କ୍ରୀଡା ଶିକ୍ଷକ ଉପସ୍ଥିତ ରହି ପରିଚାଳନା କରିଥିଲେ । କ୍ରୀଡା ଛାତ୍ର ଛାତ୍ରୀ ଙ୍କ ଜୀବନରେ ଏକ ଗୁରୁତ୍ୱ ବିଷୟ ଏବଂ କ୍ରୀଡା ଛାତ୍ର ଜୀବନରେ ହାର – ଜିତ କୁ ସହଜ ରେ ଗ୍ରହଣ କରିବା ଓ ସହନଶୀଳତା, ତଥା ଦୃଢ଼ ମନବଳ ସଫଳତା ର ଚାବିକାଠି ବୋଲି ଛାତ୍ର ଛାତ୍ରୀ ଙ୍କୁ ମୁଖ୍ୟ ଅତିଥି ବୁଝାଇଥିଲେ ।

# ଭୁବନେଶ୍ୱର ବଜେପିରେ ହିରଣ୍ୟ ପାତ୍ର ଓ ବସନ୍ତ ତ୍ରିପାଠୀଙ୍କୁ ନୂଆ ଦାୟିତ୍ୱ



ଭୁବନେଶ୍ୱର, ୨୩/୯ :ଭାରତୀୟ ଜନତା ପାର୍ଟି(ବିଜେପି)ର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଂଗଠନର ଆଇଟି ସେଲ୍‌କୁ ଅଧିକ ସୁଦୃଢ କରିବା ପାଇଁ ନୂତନ ଦାୟିତ୍ୱ ଘୋଷଣା କରାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଏବଂ ରାଜ୍ୟ ଆଇଟି ସେଲ୍ ସଂଯୋଜକ ଜ୍ୟୋତିରଞ୍ଜନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ହିରଣ୍ୟ ପାତ୍ର ଓ ବସନ୍ତ ତ୍ରିପାଠୀଙ୍କୁ କନ୍‌ଭେନର, କୋ-କନ୍‌ଭେନର ଭାବେ ମନୋନୀତ କରାଯାଇଛି। ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ପଠା ଯାଇଥିବା ତାଲିକାକୁ ଆଧାର କରି ଏହି ନିଯୁକ୍ତି ଦିଆଯାଇଛି। ପାର୍ଟିର ସାଙ୍ଗଠନିକ କାର୍ଯ୍ୟ ଗୁଡିକୁ ବୈଷୟିକ ଭାବରେ ଗତିଶୀଳ କରି ପ୍ରଚାର ପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଯାହାଦ୍ୱାରା ଆଗାମୀ ଦିନରେ ଦଳର ଡିଜିଟାଲ୍ ଏବଂ ସୋସିଆଲ୍ ମିଡିଆ ଅଧିକ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିପାରିବ।

### ଗଭୀର ଅବପାତ ପରିସ୍ଥିତିର ମୁକାବିଲା ପାଇଁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ

# ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଦକ୍ଷିଣ ଓଡ଼ିଶା ଜିଲ୍ଲାପାଳଙ୍କୁ ନେଇ ସମୀକ୍ଷା ବୈଠକ



ଭବାନୀପାଟଣା , ୨୩/୦୯ :ପୂର୍ବ-କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟ ଲଘୁଚାପ ଏବଂ ଗତକାଲି ଠାରୁ ଆରମ୍ଭ ପ୍ରତିକୂଳ ପାଣିପାଗ ଓ ଗଭୀର ଅବପାତ କୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆଭାସୀ ମାଧ୍ୟମରେ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ନେଇ ଗତକାଲି ୨୨.୯.୨୦୨୬ ରିଖ ସମୀକ୍ଷା କରିଛନ୍ତି।

ଏହି ଅବସରରେ ଆଜି ତା ୨୩.୯.୨୦୨୬ ରିଖ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧକ୍ଷତାରେ ଦକ୍ଷିଣ ଓଡ଼ିଶା ସମସ୍ତ ଜିଲ୍ଲାପାଳଙ୍କୁ ନେଇ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବୈତୁରା ଦୀପ ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।ଆଇଏମଡିର ଆକଳନ ଅନୁଯାୟୀ, ଆସନ୍ତା କାଲି ୨୪ ରେଡ୍ ୱାର୍ଣ୍ଣିଂ ଓ ୨୫ ସେପ୍ଟେମ୍ବର ୨୦୨୬ ପାଇଁ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି କରାଯାଇଛି। ସମ୍ଭାବ୍ୟ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ କ୍ଷେତ୍ରସ୍ତରରେ ଗ୍ରହଣ କରାଯାଇଥିବା ପ୍ରସ୍ତୁତିମୂଳକ ପଦକ୍ଷେପର ସମୀକ୍ଷା କରିବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଓ ବିଡିଓମାନଙ୍କର ଛୁଟି ବାତିଲ କରାଯାଇଛି। ସେମାନଙ୍କୁ ନିଜ ନିଜ ମୁଖ୍ୟାଳୟରେ ସଜାଗ ଓ ଉପସ୍ଥିତ ରହିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ପୂର୍ବାନୁମତି ବିନା ମୁଖ୍ୟାଳୟ ବାହାରକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପଞ୍ଚାୟତ ଏବଂ ବ୍ଲକସ୍ତରରେ ଚୂଡା, ଚାଉଳ ଭଳି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ସ୍ଥିତି ସମୀକ୍ଷା କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକ ସାମଗ୍ରୀର ଅଭାବ ନହେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସି ଏସ ଓ ଏବଂ ସମସ୍ତ ବିଡିଓମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ଷାଜଳର ସୁଗମ ନିଷ୍କାସନ ସୁନିଶ୍ଚିତ କରିବା ତଥା ଜଳବନ୍ଦୀ ପରିସ୍ଥିତି କିମ୍ବା ଆକସ୍ମିକ ବନ୍ୟାର ଆଶଙ୍କା ହ୍ରାସ କରିବା ପାଇଁ ସମସ୍ତ ପୌରାଞ୍ଚଳର ଡ୍ରେନ୍ ? ଗୁଡିକୁ ଡି-ସିଲ୍ଟିଂ (ପଙ୍କ ନିଷ୍କାସନ) ପାଇଁ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟ କରିବାକୁ ନିର୍ଶେ ଦିଆଯାଇଛି। ଗଛ ପଡ଼ିବା କିମ୍ବା ମାତ୍ରାଧିକ ବର୍ଷା ଯୋଗୁଁ ରାସ୍ତା ଅବରୋଧ ଭଳି ଘଟଣାରେ ତୁରନ୍ତ ପଦକ୍ଷେପ ନେଇ ଯଥାଶୀଘ୍ର ଯାତାୟାତ ସ୍ୱାଭାବିକ କରିବା ପାଇଁ ଅଗ୍ନିଶମ ସେବା କର୍ମଚାରୀଙ୍କୁ ସଜାଗ ରହିବା ସହ ବିଦ୍ୟୁତ୍ ସରବରାହରେ ବାଧା ଉପୁଜିଲେ ତୁରନ୍ତ ପୁନଃସ୍ଥାପନ ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳ ଓ ଆବଶ୍ୟକ ସାଧନ ପ୍ରସ୍ତୁତ ରଖିବାକୁ ଟାଟା ପାୱାରର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହା ସହିତ, ମତ୍ସ୍ୟଜୀବୀଙ୍କ ସମେତ ସ୍ଥାନୀୟ ଲୋକଙ୍କୁ ବର୍ତ୍ତମାନର ପାଣିପାଗ ଓ ବଜ୍ରପାତ ପରିସ୍ଥିତିରେ ନଦୀ ମଧ୍ୟକୁ ମାଛ ଧରିବା କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ଦେଶୀ ଡଙ୍ଗା ଯୋଗେ ଯାତାୟାତ ନକରିବାକୁ ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କ ତତ୍ତ୍ୱାବଧାନରେ ମାଇକିଂ ଦ୍ୱାରା ବ୍ୟାପକ ସଚେତନତା କାର୍ଯ୍ୟ ଚାଲୁ ରହିଛି।

ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ୨୩ ଓ ଆସନ୍ତା କାଲି ୨୪ ସେପ୍ଟେମ୍ବର ଦୁଇଦିନ ଜିଲର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପାଇଁ ନିର୍ଶେ ଦିଆଯାଇଛି । ବିଭିନ୍ନ ବ୍ଲକର ବିଦ୍ୟାଳୟ ମାନଙ୍କରେ ୨୮ ଟି ସାମୟିକ ଆଶ୍ରୟ ସ୍ଥଳ, ଅଗ୍ନିଶମ ବିଭାଗର ପ୍ରସ୍ତୁତି, ଥୁଆମୂଳ ରାମପୁର, ଏମ ରାମପୁର,କୋକସରା ଏବଂ ଲାଞ୍ଜିଗଡ ବ୍ଲକ ର ଭୂସ୍ଖଳନ ଚିହ୍ନଟ ଓ ସତର୍କତା ,ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର,ଅତି ଆବଶ୍ୟକ ଔଷଧ ସହ ୧୩ ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ପ୍ରସ୍ତୁତ,କୃଷି ବିଭାଗ କର୍ମଚାରୀଙ୍କ ଦ୍ୱାରା ସମ୍ଭାବ୍ୟ ଫସଲ ନଷ୍ଟ ଉପରେ ସତର୍କତା, ସମସ୍ତ ତହସିଲ ରେ ୮୦୦୦ ପଲିଥିନ ବ୍ୟବହାର ପାଇଁ ମହଜୁଦ୍, ସମସ୍ତ ବ୍ଲକ ଓ ତହସିଲ ଠାରେ କଣ୍ଟ୍ରୋଲ ରୁମ ସହ ସହାୟତା ଓ ସୁଚନା ପାଇଁ ଜିଲ୍ଲା ଜରୁରୀ କଣ୍ଟ୍ରୋଲ ରୁମ ନମ୍ବର ୦୬୬୭୦ ୨୩୦୪୫୭ ଏବଂ ୦୬୬୭୦ ୨୩୦୪୫୫ ବ୍ୟବସ୍ଥା କରାଯାଇଛି।

ଜରୁରୀକାଳୀନ ପରିସ୍ଥିତିରେ ଜନସାଧାରଣଙ୍କଠାରୁ ସୂଚନା ଗ୍ରହଣ, ଅବିଳମ୍ବେ ପଦକ୍ଷେପ ଗ୍ରହଣ ଏବଂ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଓ ବ୍ଲକସ୍ତରୀୟ ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ତେଣୁ ସମସ୍ତ ଜନସାଧାରଣ ସଜାଗ ରହି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଜାରି କରାଯାଉଥିବା ସରକାରୀ ସୂଚନା ଓ ପରାମର୍ଶ ପାଳନ କରିବା ସହ ଏହି ସମୟରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ପୁରୀ ଜିଲ୍ଲା ରେଡକ୍ରସ ସଂସ୍ଥାରେ ଆଜୀବନ ସଭ୍ୟ ସଭ୍ୟା ମାନଙ୍କୁ ନ୍ୟାୟ ମିଳିବ କେବେ ?




ପୁରୀ ,୨୩/୯ :ଜିଲ୍ଲାପାଳଙ୍କ ଅଧକ୍ଷତାରେ ଥିବା ରେଡକ୍ରସ ସରକାରୀ ସଂସ୍ଥା ରେଜି ଷ୍ଟେସନ ସାମ୍ବିଧାନୀକ ଆଇନ କାନୁନ୍ ଅନୁସାରେ ଆଜିବନସମସ୍ତସଭ୍ୟ ସଭ୍ୟାଙ୍କୁନେଇପ୍ରତି୩ ବର୍ଷ କୁ ଥରେ ନୁତନ ପରିଚାଳନା କମିଟି ଗଠନ .ହୋଇ ଥିବା ବେଳେ ଅଦ୍ୟା ବିଧି ଦିର୍ଘ୧୦ବର୍ଷ ହେବ ନୁତନକମିଟିଗଠନନ ହୋଇ ପଡ଼ି ରହି ଥିବାରୁ ସମସ୍ତ ସଭ୍ୟ ସଭ୍ୟାମାନଙ୍କଅଶୋ ନ୍ତୋଷ ସିମାର ବାହାରେ ପ୍ରକାଶ ପାଉଛି ଏଥି ପାଇଁପୁରୀଜିଲ୍ଲାପାଳଙ୍କୁ କିଛିସଭ୍ୟସଭ୍ୟା ସାକ୍ଷାତ କରିନୂତନପରିଚାଳନା ଗଠନକରିବାକୁଏକ ଅନୁରୋଧ ପତ୍ର ଦେଇ ଥିଲେ ରେଡ୍ କ୍ରସସେବା କାରୀଗଣ ଙ୍କବିଷୟ କୁ ଯଥାର୍ଥ ବୋଲି ଅଧକ୍ଷ ପୁରୀ ଜିଲ୍ଲାପାଳ ବିଚାର କରିବେ ବୋଲି ମତ ଜଣାଇ ଥିଲେ ୧୦ ବର୍ଷ ପୂର୍ବୁରୁ ଯେଉଁ କମିଟି ହୋଇଥିଲା ସେହି କମିଟି ରେ କିଏ ମୁର୍ତ୍ତୁ ବରଣ କରି ଗଲେଣୀ ତକି ଏ ମୁର୍ତ୍ତୁ ଶଯ୍ୟାରେପଡ଼ିଛଟପଟ ହେଉଛନ୍ତିଆଉ ଯିଏ ବି ଅଛନ୍ତି କିଛି ଦିନ ତଳେ ଜିଲ୍ଲାପାଳଙ୍କ ନିକଟକୁ ବିଭିନ୍ନମାଧ୍ୟମରେ ଇସ୍ତଫା ପତ୍ରଦେଇଛନ୍ତିପୁର୍ବକମିଟିର ଉପସଭା ପତିଏବେ ପ୍ରଶାସନ ର ଅପାର ଗତା ଓ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟକାରୀ ସଦସ୍ୟା ଙ୍କ ଦୁର୍ବ୍ୟବହାର ବିରୁଦ୍ଧରେ ପ୍ରତିବାଦ ର ସ୍ୱର ଉଠାଇଛନ୍ତି। ପୁରୀର ସ୍ଥାନୀୟ ବାସିନ୍ଦା ଙ୍କ ନିମନ୍ତେ ଶ୍ରୀମନ୍ଦିର ରେ ସୁବିଧା ପ୍ରବେଶ ଓ ଦର୍ଶନ ର ବ୍ୟବସ୍ଥା କରିପାରି ନଥିବାରାଜ୍ୟ ସରକାର ଙ୍କ ଯୋଜନାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶହଶହ ମହିଳା ଓ ପୁରୁଷଙ୍କୁ ବସ୍ ଯୋଗେ ପୁରୀ ଅଣାଯାଇ ଖାଦ୍ୟପେୟ ଓ ଭିଆଇପି ସୁବିଧା ସହ ଶ୍ରୀମନ୍ଦିର ରେ ଦର୍ଶନ କରାଇ ଦିଆଯାଉଛି। ବିଗତ ବର୍ଷ ମାନଙ୍କରେ ସେହି ଯୋଜନାରେ ସହଯୋଗ କରିଥିଲେ ରେଡକ୍ରସ ର ସ୍ୱେଚ୍ଛାସେବୀ ଗଣ। ଅନେକ ସମୟରେ ଶ୍ରୀମନ୍ଦିର ର ବାହାର କାଠ ନିକଟରେ ସେହି ଯାତ୍ରୀ ମାନଙ୍କୁ ଟେକି ଟେକି ଦର୍ଶନ କରାଇଥିବା ସ୍ୱେଚ୍ଛାସେବୀମାନେ ରେଡକ୍ରସ ର ପରିପତ୍ର ସମେତ ଜିଲ୍ଲା ରେଡକ୍ରସ ର କାର୍ଯ୍ୟକାରୀ କମିଟି ର ପୁନର୍ଗଠନ ଦାବି କରି ଛନ୍ତି। ଅଭିଜ୍ଞ ତଥା ପ୍ରଶିକ୍ଷିତ ସ୍ୱେଚ୍ଛାସେବୀ ମାନଙ୍କ ଅସହଯୋଗ କାରଣରୁ ପ୍ରଶାସନ ଏବେ ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ କାର୍ଯ୍ୟରେ ଲଗାଇଛି ଉଲ୍ଲେଖ ଯୋଗ୍ୟଯେପୁରୀର ଜିଲ୍ଲାପାଳ ପୁରୀ ଜିଲ୍ଲା ରେଡକ୍ରସ କମିଟି ର ସଭାପତିଥିବାବେଳେ ଜିଲ୍ଲା ଆପଦ ବିପଦ କାଳୀନ ଅଧିକାରୀ ସମ୍ପାଦକ ଅଟନ୍ତି ଆଉ କିଛି ଦିନ ପରେ ପର୍ବ ପର୍ବାଣୀ ଆସୁଥିବା ବେଳେ ଅଦ୍ୟାବଧି ପ୍ରଶାସନ ନିରବ ହୋଇ ବସି ରହିଛନ୍ତି ଏହି ସମ୍ପର୍କ ରେଗଣମାଧ୍ୟରେ ପ୍ରଚାର ପ୍ରସାର ହେବା ପରେ ବି ପ୍ରଶାସନର ନିଦ ଭାଙ୍ଗୁ ନାହିଁ ବୋଲି ବୁଦ୍ଧିଜୀବି ମହଲ ରେ ଆଲୋଚନା ର ବିଷୟ ବସ୍ତୁ ହୋଇଛି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati
Executive Editor : Satyajit Mohapatra
Managing Editor : Jitendra Ku. Pati